ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୬ ଜୁନ୍, ୨୦୨୩



## ସଂକ୍ଷେପରେ

### ଚଳନ୍ତା ଟ୍ରେନ୍‌ରୁ ଖସି ଯାତ୍ରୀ ମୃତ

ଛତିଆ,୫ା୬(ଡି.ଏନ.ଏ.): ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ବୈରୀ ରେଳ ଷ୍ଟେଶନ ଫାଟକ ନିକଟରେ ସୋମବାର ଧଉଳି ଏକ୍ସପ୍ରେସ ଟ୍ରେନରୁ ଖସି ଜଣେ ଯାତ୍ରୀଙ୍କ ମୃତ୍ୟୁ ଘଟିଛି । ସମ୍ପୃକ୍ତ ଯାତ୍ରୀ ହେଲେ ରାଜସ୍ଥାନ ଅଲୱାର ଅଞ୍ଚଳର ରାଜେଶ । ପରିବାର ସହ ସେ ଭୁବନେଶ୍ୱରରୁ ଦିଲ୍ଲୀ ଯାଉଥିଲେ । କୌଣସି କାରଣରୁ ସେ ହଠାତ୍ ଟ୍ରେନରୁ ଖସି ପଡିଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ରେଳ କର୍ମଚାରୀଙ୍କୁ ଅବଗତ କରିବା ସହ ବୈରୀ ଥାନାକୁ ଖବର ଦେଇଥିଲେ । ପୋଲିସ ପହଞ୍ଚି ତାଙ୍କୁ ଆମ୍ବୁଲାନ୍ସରେ କଟକ ବଡ଼ ମେଡିକାଲ ପଠାଇଥିଲା । ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି ବୋଲି ପୋଲିସ ସୂଚନା ଦେଇଛି ।

### ବାଘୁଆ କଳାପଥର ଖାଦାନରେ ଚଢ଼ାଉ, ଟ୍ରାକ୍ଟର ଜବତ

ଧର୍ମଶାଳା,୫ା୬(ଡି.ଏନ.ଏ.)-ଧର୍ମଶାଳା ତହସିଲ ଅନ୍ତର୍ଗତ ବାଘୁଆ କଳାପଥର ଖାଦାନରେ ବେଆଇନ ଖନନ ହେଉଥିବା ଖବର ପାଇ ବଳରାମପୁର-୧ ରାଜସ୍ୱ ନିରୀକ୍ଷକ ଚଢାଉ କରି ଗୋଟିଏ ଟ୍ରାକ୍ଟର ଜବତ କରିଛନ୍ତି । ବଳରାମପୁର-୧ ରାଜସ୍ୱ ନିରୀକ୍ଷକ ଚନ୍ଦନ କୁମାର ସାହୁ ବାଘୁଆ କଳାପଥର ଖାଦାନରେ ବେଆଇନ ଭାବେ ବୋଝେଇ ଓଆର-୦୪-ଜେ-୪୧୦୭ ଟ୍ରାକ୍ଟରକୁ ଜବତ କରିଛନ୍ତି । ଏହି ଚଢ଼ାଉ ପରେ ଅନ୍ୟ ଗାଡ଼ି ଓ ଶ୍ରମିକମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଜବତ ଟ୍ରାକ୍ଟରକୁ ଚଢ଼େଇଧରା ପୋଲିସ ଚେକ୍‌ପୋଷ୍ଟରେ ରଖାଯାଇଛି । ସୂଚନାଯୋଗ୍ୟ, ଜିଲା ପ୍ରଶାସନ ଓ ତହସିଲ ପକ୍ଷରୁ ବେଆଇନ ଖାଦାନରେ ଚଢାଉ କରାଯାଉଥିଲେ ମଧ୍ୟ ପଥର ବ୍ୟବସାୟୀଙ୍କ ଉପରେ ଏହାର କୌଣସି ପ୍ରଭାବ ପଡୁନାହିଁ ।

### ବିଶ୍ୱ ପରିବେଶ ଦିବସ ପାଳିତ

ଚଣ୍ଡିଖୋଲ,୫ା୬(ଡି.ଏନ୍.ଏ.): ବଡଚଣା ବ୍ଲକ ଅନ୍ତର୍ଗତ ଧାନମଣ୍ଡଳଠାରେ ଉଦୀୟମାନ ସ୍ୱେଚ୍ଛାସେବୀ ସଙ୍ଗଠନ ଆନୁକୁଲ୍ୟରେ ସୋମବାର ବିଶ୍ୱପରିବେଶ ଦିବସ ପାଳିତ ହୋଇ ଯାଇଛି। ସଙ୍ଗଠନ ମହିଳା ଶାଖା ସଭାନେତ୍ରୀ ଦେବଜାନୀ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ରାମଚନ୍ଦ୍ର ଶୁକ୍ଳ, ପ୍ରଫେସର ବସନ୍ତ କୁମାର ନାୟକ, କାହ୍ନୁ ଚରଣ ସାହୁ,ପଞ୍ଚାୟତ ସମିତି ଉପାଧକ୍ଷ ବିଭାସ ଚନ୍ଦ୍ର ନନ୍ଦ, ପ୍ରସନ୍ନ ଜେନା, ବିଜୟ କୁମାର ପାଲ ପ୍ରମୁଖ ଯୋଗଦେଇ ସୁସ୍ଥ ପରିବେଶ ଗଠନ, ବୃକ୍ଷ ରୋପଣ ଓ ପ୍ଲାଷ୍ଟିକ ସାମଗ୍ରୀ ବର୍ଜନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ର ଓ ବହୁ ବ୍ୟକ୍ତି ବିଶେଷଙ୍କୁ ଚାରା ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ଉପ ସଭାପତି କନକଲତା ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ସମ୍ପାଦିକା ଅରୁଣା ନନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ।

# ଅଘୋଷିତ ବିଦ୍ୟୁତ୍ କାଟ୍‌କୁ ନେଇ ଚିନ୍ତା

■ ଗ୍ରାହକଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ

■ ଅଭିଯୋଗ କଲେ ବି କାର୍ଯ୍ୟାନୁଷ୍ଠାନ ଶୂନ୍

ବାଲିଚନ୍ଦ୍ରପୁର,୫ା୬(ସ୍ୱ.ପ୍ର.)


ବାଲିଚନ୍ଦ୍ରପୁର ଅଫିସ ସମ୍ମୁଖରେ ଉତ୍ତେଜିତ ଉପଭୋକ୍ତା ।

ବାଲିଚନ୍ଦ୍ରପୁର ବିଦ୍ୟୁତ୍ ସେକ୍ସନ ଅଞ୍ଚଳରେ ୨ ସପ୍ତାହ ହେବ ଘନ ଘନ ବିଦ୍ୟୁତ୍ କାଟ ଚାଲିଛି । ଅଘୋଷିତ ବିଦ୍ୟୁତ୍ କାଟକୁ ନେଇ ଉପଭୋକ୍ତଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରୀୟା ପ୍ରକାଶ ପାଇଛି । ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଅସହ୍ୟ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରୁଥିବା ବେଳେ ଏପରି ବିଦ୍ୟୁତ୍ କାଟ୍ ସମସ୍ୟା ସୃଷ୍ଟି କରିଛି । ଦିନବେଳା ୨ରୁ ୩ ଥର ବହୁ ଘଣ୍ଟା ଧରି ବିଦ୍ୟୁତ୍ କାଟ୍ ହେଉଥିବା ବେଳେ ସମାନ୍ୟ ବର୍ଷା ପବନ ହେଲେ ସନ୍ଧ୍ୟାରେ ବିଦ୍ୟୁତ୍ ସରବରାହ ବନ୍ଦ କରିଦିଆଯାଉଛି । ଥରେ ବିଦ୍ୟୁତ୍ କଟିଲେ କେତେବେଳେ ଲାଇନ୍ ଆସିବା ତାହା ଅନିଶ୍ଚିତତା ମଧରେ ରହୁଛି । ବାଲିଚନ୍ଦ୍ରପୁର ସେକ୍ସନକୁ ପୂର୍ବରୁ କେନ୍ଦ୍ରାପଡ଼ା ବାଲିଆ ଗ୍ରୀଡ଼ରୁ ମାହାଙ୍ଗା ଦେଇ ବିଦ୍ୟୁତ୍ ଯୋଗାଣ ହେଉଥିଲା । ଏବେ ଏହି ସେକ୍ସନକୁ ଦୁଇ ସପ୍ତାହ ହେବ ଚଣ୍ଡିଖୋଲ ଗ୍ରୀଡ଼ରୁ ବିଦ୍ୟୁତ୍ ଯୋଗାଣ ହେଉଛି । ସେଥିପାଇଁ ବାରମ୍ବାର ବିଦ୍ୟୁତ୍‌କାଟ ଭଳି ସମସ୍ୟା ଉପୁଜିଛି । ଅନ୍ୟପକ୍ଷେ ମାହାଙ୍ଗା ଲାଇନ ମରାମତ ନ ହୋଇ ପଡ଼ିରହିଥିବାରୁ ସେଠାରୁ ବିଦ୍ୟୁତ୍ ସଂଯୋଗ ହୋଇପାରୁ ନାହିଁ । ସୋମବାର ଅପରାହ୍ନ ୩.୩୦ରୁ ରାତି ୭ଟା ୫ ମିନିଟ୍ ପର୍ଯ୍ୟନ୍ତ ବାଲିଚନ୍ଦ୍ରପୁର ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା । ଉପଭୋକ୍ତାମାନେ ଅଫିସକୁ ପଚାରିବାକୁ ଯାଇଥିଲେ । ହେଲେ ଭିତରୁ ତାଲା ପଡ଼ିଥିବା ଦେଖି ପଦାରେ ହୋହାଲ୍ଲା କରିଥିଲେ । ଏ ସଂକ୍ରାନ୍ତରେ ବଡ଼ଚଣାର ବିଭାଗୀୟ ଏସ୍‌ଡିଓଙ୍କୁ ପଚାରିବାରେ ଯାନ୍ତ୍ରୀକ ତ୍ରୁଟି ଯୋଗୁ ଏପରି ସମସ୍ୟା ସୃଷ୍ଟି ହୋଇଛି । କାମ ଚାଲିଛି । ଏହି ସମସ୍ୟାର ସମାଧାନ ହେବ । ପରବର୍ତ୍ତୀ ପର୍ଯ୍ୟାୟରେ ବାଲିଆ ଗ୍ରୀଡ଼ରୁ ପୂର୍ବପରି ବିଦ୍ୟୁତ୍ ଯୋଗାଣ ପାଇଁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି ।

# ନବଭାରତୀ ବିଦ୍ୟାଳୟକୁ ପ୍ରକୃତି ମିତ୍ର ସମ୍ମାନ

ବରୀ,୫ା୬(ଡି.ଏନ.ଏ.)


ପ୍ରକୃତି ମିତ୍ର ସମ୍ମାନ ସହ ପ୍ରଧାନ ଶିକ୍ଷକ

ଯାଜପୁର ଜିଲା ବରୀ ବ୍ଲକ୍ କିମ୍ବିରିଆପାଳ ପଞ୍ଚାୟତସ୍ଥିତ ନବଭାରତୀ ସରକାରୀ ଉଚ୍ଚ ବିଦ୍ୟାଳୟକୁ ପ୍ରକୃତି ମିତ୍ର ସମ୍ମାନ ମିଳିଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଗିରିଶ ବିହାରୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ସ୍କୁଲରେ ଚାରା ରୋପଣ କରିବା, ଗ୍ରାମାଞ୍ଚଳରେ ବିଭିନ୍ନ ସ୍ଲୋଗାନ ଦେଇ ପରିବେଶ ସଚେତନତା ବାର୍ତ୍ତା ପ୍ରଦାନ କରି ସେ ଉଦାହରଣ ସୃଷ୍ଟି କରିପାରିଛନ୍ତି । ଏହି ପ୍ରରିପ୍ରେକ୍ଷୀରେ ବିଶ୍ୱ ପରିବେଶ ଦିବସରେ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ନବଭାରତୀ ବିଦ୍ୟାଳୟକୁ ପ୍ରକୃତି ମିତ୍ର ସମ୍ମାନ-୨୦୨୩ ଭୁବନେଶ୍ୱର ଲୋକସଭାଭବନରେ ପ୍ରଦାନ କରାଯାଇଛି । ଏହି ସମ୍ମାନ ବିଦ୍ୟାଳୟର ପ୍ରଧାନଶିକ୍ଷକ ମିଶ୍ର ଗ୍ରହଣ କରିଛନ୍ତି ।

# ଜ୍ୟେଷ୍ଠ ପୂର୍ଣ୍ଣିମାରେ ଚିତ୍ରୋତ୍ପଳା ବନ୍ଦନା, ମହାଆଳତି


ଜ୍ୟେଷ୍ଠ ପୂର୍ଣ୍ଣିମା ଉତ୍ସବରେ ସାଧୁସନ୍ଥମାନେ ମହାଆଳତି କରୁଛନ୍ତି ।

ବଡ଼ଚଣା,୫ା୬(ଡି.ଏନ.ଏ.)

ନେମାଳ ଶ୍ରୀଅଚ୍ୟୁତାନନ୍ଦ ପୀଠ ପଦ୍ମବନଠାରେ ଜ୍ୟେଷ୍ଠ ପୂର୍ଣ୍ଣିମାରେ ସୋଲର ଛତିଆସ୍ଥିତ ଉଦାସ ଆଶ୍ରମର ଅଧିସ୍ୱାମୀ ଯଜ୍ଞେଶ୍ୱରାନନ୍ଦ ମହାରାଜ ନିଜର ଶତାଧିକ ଶିଷ୍ୟଙ୍କ ସହିତ ପୀଠ ପରିକ୍ରମା, ପୂଜା ଓ ଦର୍ଶନ ସହିତ ଭକ୍ତମାନଙ୍କୁ ଦହି ପଣା ବଣ୍ଟନ, ଥଣ୍ଡାଜଳ ସିଞ୍ଚନ ସହିତ ଅନ୍ନପ୍ରସାଦ ବିତରଣ ଆଦି କରିଥିଲେ। ସନ୍ଧ୍ୟାରେ ନିକଟସ୍ଥ ବାଲିଯାତ୍ରା ପଡ଼ିଆଠାରେ ଉପସ୍ଥିତ ଥିବା ଶହଶ୍ରାଧିକ ଭକ୍ତଙ୍କ ଗହଣରେ ସ୍ୱାମୀଜୀ ଚିତ୍ରୋତ୍ପଳା ନଦୀ ବନ୍ଦନା ଓ ମହାଆଳତୀ କରି ଆଧ୍ୟାତ୍ମିକ ବାଣୀ ପ୍ରଦାନ କରିଥିଲେ। ସାଧୁ,ନଦୀ ଓନାରୀ ଚିରବନ୍ଦନୀୟ ଅଟନ୍ତି । କାରଣ ସାଧୁ ନିଜେ କଷ୍ଟ ସହି ସମାଜର ସେବା କରିବା ସହିତ ଜନସମାଜକୁ ନୂତନ ଦିଗଦର୍ଶନ ଦେଇଥାନ୍ତି । ନଦୀ ଆମର ମା ଓ ଜୀବନରେଖା ଅଟେ। ନଦୀ ଆମକୁ ସୁଶୀତଳ ଜଳ ପ୍ରଦାନ କରିଥାନ୍ତି ଫଳତ ତା'ର ଜଳରେ ପୃଥିବୀ ଶସ୍ୟଶ୍ୟାମଳା ହୋଇ ଆମକୁ ଜୀବନ ଧାରଣ କରିବାରେ ସହାୟକ ହୋଇଥାଏ। ବହୁ ପୂର୍ବରୁ ନଦୀକୂଳରେ ସଭ୍ୟତା ଗଢି ଉଠି ସୁଦୃଢ ଓ ସମୃଦ୍ଧଶାଳୀ ହୋଇଥିଲା ତେଣୁ ନଦୀ ତଟ ସଫା ରଖିବା ଓ ତାର ଜଳକୁ ପରିଷ୍କାର କରିବା ଆମର କର୍ତ୍ତବ୍ୟ ଅଟେ ବୋଲି ସେ କହିଥିଲେ। ସେହିପରି ନାରୀ ଆମର ମା' । ସେ ଜନ୍ମଦାତ୍ରୀ ପାଳନକର୍ତ୍ତା ଓ ସର୍ବଂସହା ଅଟେ। ନିଜେ ସବୁ ଦୁଃଖ କଷ୍ଟ ସହି ସେ ତା'ର ସନ୍ତାନକୁ ସୁଖ ଓ ଖୁସୀ ପ୍ରଦାନ କରିଥାଏ । ତେଣୁ ଆର୍ଯ୍ୟଭୂମି ଭାରତରେ ସାଧୁ ନଦୀ ଓ ନାରୀ ପ୍ରତି ସଦା ଭକ୍ତି ଓ ସମ୍ମାନ ରହିବା ଆବଶ୍ୟକ ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସ୍ତମ୍ଭକାର ଅରୁଣ କୁମାର ପଣ୍ଡା, ସାମାଜିକ କର୍ମୀ ସୁଜତା ଦାସ, ପଣ୍ଡିତ ଖଗେଶ୍ୱର ରଥ, ପଣ୍ଡିତ ନବକିଶୋର ଦାଶ, ବିଚିତ୍ରା ନନ୍ଦ ଜେନା, ପଣ୍ଡିତ ଅକ୍ଷୟ ତ୍ରିପାଠୀ, ସୁଧାଂଶୁ ଶେଖର ନାୟକ, ନୀଳମଣୀ ପଣ୍ଡା, ନେମାଳ ପୂଜକ ସଂଘ କର୍ମକର୍ତ୍ତାଙ୍କ ସମେତ ସାଧୁସନ୍ଥ ଉଦାସ ପନ୍ଥୀଭକ୍ତ ଯୋଗଦେଇଥିଲେ। ଦିବ୍ୟଲୋଚନ ଦାସ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ଅଧିକ ବସ୍ ଭଡା ଆଦାୟ କରୁଥିବା ୨ କଣ୍ଡକ୍ଟର ଗିରଫ

ପାଣିକୋଇଲି,୫ା୬(ଡି.ଏନ୍.ଏ.)

ବାହାନଗା ରେଳ ଦୁର୍ଘଟଣା ପରେ ମାନବିକତା ଭୁଲି ବସ୍ କଣ୍ଡକ୍ଟର ଓ ମାଲିକଙ୍କ ସଲାସୁତୁରାରେ ବସ ଭଡା ଅଧିକ ବୃଦ୍ଧି କରିଛନ୍ତି । ଏ ସଂକ୍ରାନ୍ତରେ ଅଭିଯୋଗ ହେବା ପରେ ସୋମବାର ୨ଜଣ କଣ୍ଡକ୍ଟରଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ କ୍ଷେତ୍ରପାଳ ଗ୍ରାମର ସୁଧାଂଶୁ ସାମଲ (୩୬) ଓ ପଶ୍ଚିମବଙ୍ଗ ପୁରୁଚିଆ ନଦିନା ଦୁଲମି ଗ୍ରାମର ରଞ୍ଜିତ କୁମାର ସେନ(୩୬) ।

ସୂଚନା ଅନୁଯାୟୀ, ସୋମବାର ଭୁବନେଶ୍ୱରରୁ କଲିକତା ଅଭିମୁଖେ ବୃନ୍ଦାବନ ବିହାରୀ ନାମକ ଏକ ଘରୋଇ ବସ (ନଂ.ଡବ୍ଲୁବି ୭୬ ଏ ୪୪୩୯) ଯାତ୍ରା ଆରମ୍ଭ କରିଥିଲା । ସେ ଯାତ୍ରୀମାନଙ୍କ ଠାରୁ ଅଧିକ ଭଡା ନେବାରୁ ଜଣେ ଯାତ୍ରୀ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶିତ ଟୋଲ ଫ୍ରିନମ୍ବରରେ କଲ କରି ଜଣାଇଥିଲେ । ଏନେଇ ବିଭାଗ ପକ୍ଷରୁ ଯାଜପୁର ପରିବହନ ବିଭାଗକୁ ଅବଗତ କରାଯାଇଥିଲା । ପରିବହନ ବିଭାଗ ଅଧିକାରୀମାନେ ପାଣିକୋଇଲି ଠାରେ ଉକ୍ତ ବସକୁ ଧରିବା ସହ ଅଭିଯୁକ୍ତ ୨ କଣ୍ଡକ୍ଟରଙ୍କୁ ଧରି ଥାନା ଜିମା ଦେଇଥିଲେ । ଏନେଇ ଏକ ମାମଲା ୧୩୪/୨୩ ରୁଜୁ କରାଯାଇଛି ।

# ହଜ୍‌ଯାତ୍ରୀଙ୍କୁ ରେଳ ଷ୍ଟେଶନରେ ସମ୍ବର୍ଦ୍ଧନା


ହଜ୍ ଯାତ୍ରୀଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି ।

ଯାଜପୁରରୋଡ୍, ୫ା୬(ଡି.ଏନ୍.ଏ.)

ଯାଜପୁର ରୋଡରେ ରହୁଥିବା ମୁସଲମାନ ସମ୍ପ୍ରଦାୟର ୪ ମହିଳା ଓ ପୁରୁଷ ସୋମବାର ଟ୍ରେନ୍‌ରେ ହଜ୍ ଯାତ୍ରା କରିଛନ୍ତି । ସେମାନେ ହେଲେ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ.ସେକ ଆବୁ ତାହିର ଓ ତାଙ୍କ ସ୍ତ୍ରୀ ନାଫିସନ ନିଶା,ସେକ ସିରାଜୁଦ୍ଦିନ ଓ ତାଙ୍କର ସ୍ତ୍ରୀ ଶୈରା ବେଗମ ତାଙ୍କ ଯାତ୍ରାର ମଙ୍ଗଳ କାମନା କରି ସେମାନଙ୍କୁ ଯାଜପୁର କେନ୍ଦୁଝର ରେଳ ଷ୍ଟେଶନରେ ସିଭିଲସୋସାଇଟିର ଆବାହକ ବିବେକାନନ୍ଦ ମହାନ୍ତି, କୋରାଇ ସଂଗ୍ରାମ ସମିତି ସଭାପତି ବିଦ୍ୟାଧର ମହାନ୍ତି,ଶ୍ରମିକ ନେତା ପ୍ରଫୁଲ୍ଲ କୁମାର ନାୟକ ଓ ବରିଷ୍ଠ ନାଗରିକ ବିଦ୍ୟାଧର ସାହୁ ଷ୍ଟେଶନରେ ଉପସ୍ଥିତ ରହି ସମସ୍ତଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଯାତ୍ରା ଆରମ୍ଭ ପୂର୍ବରୁ ମୌଲାନା ସୈକ ଇସ୍ରାଏଲ ଶୁଭ କାମନା ପାଠ କରିଥିଲେ । ଏହି ଧର୍ମ ପାଠ ସଭାରେ ତାରିକ ଅଜିଜ, ସେକ ଆବୁସାମା, ସେକ୍ ସରିଫ,ସେକ୍ ଯାହିଦ, ସେକ୍ ବଣ୍ଟି, ସବେରା ଖାତୁନ,ମହରା ପରବିନ ପ୍ରମୁଖ ଶୁଭେଚ୍ଛୁ ଉପସ୍ଥିତି ଥିଲେ ।

# କୁନିହାତରେ ପରିବେଶ ସୁରକ୍ଷା ଦାୟିତ୍ୱ


ପିଲାମାନେ ଚାରା ରୋପଣ କରୁଛନ୍ତି ।

ବରୀ,୫ା୬(ଡି.ଏନ.ଏ.)

ପରିବେଶ ସୁରକ୍ଷା ଜୀବନ ରକ୍ଷା । ପରିବେଶ ସୁରକ୍ଷା ପାଇଁ ଶିକ୍ଷାନୁଷ୍ଠାନଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଚାରା ରୋପଣକୁ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି । ସୋମବାର ଏହି ଅବସରରେ ବରୀ ଅଞ୍ଚଳର ସାମାଜିକ କର୍ମୀ ଦୀପକ ସାମଲଙ୍କ ନେତୃତ୍ୱରେ କୋମଳମତି ଶିଶୁମାନେ ନିଜର କୁନି କୁନି ହାତରେ ବିଭିନ୍ନ ସ୍ଥାନରେ ବଉଳ, ଲିମ୍ବ, ଜାମୁ, ଦେବଦାରୁ ଚାରା ରୋପଣ କରିଛନ୍ତି । ପିଲାମାନେ ଗାନ୍ଧୀ ରାସ୍ତା, ବାଲୁଙ୍କେଶ୍ୱର, ସାମେଶ୍ୱରଠାରୁ ଆରମ୍ଭ କରି ବିଭିନ୍ନ ଧର୍ମ ଅନୁଷ୍ଠାନରେ ଚାରା ରୋପଣ କରି ତା'ର ରକ୍ଷଣାବେକ୍ଷଣା ଦାୟିତ୍ୱ ନେଇଛନ୍ତି । ଯେଉଁ ଛାତ୍ରୀଛାତ୍ରମାନେ ଚାରା ରୋପଣ କରିଛନ୍ତି ତା'ର ରକ୍ଷଣାବେକ୍ଷଣା ସେମାନଙ୍କ ଦ୍ୱାରା କରାଯିବ । ଚାରାଟି ବଡ଼ ହେଲା ପରେ ସେହି ପିଲାମାନଙ୍କ ନାମରେ ବୃକ୍ଷର ନାମକରଣ କରାଯିବ ବୋଲି ସାମଲ ପ୍ରକାଶ କରିଛନ୍ତି ।

# ବେଆଇନ ବାଲିଘାଟକୁ ନେଇ ବଢୁଛି ବିବାଦ

ଚଣ୍ଡିଖୋଲ,୫ା୬(ଡି.ଏନ୍.ଏ.)

ଦର୍ପଣ ତହସିଲ ଅଧୀନ କେଲୁଅ ନଦୀ ଓ ଗେଙ୍ଗୁଟି ନଦୀରେ ଚାଲୁଛି ବେଆଇନ ବାଲିଘାଟ । ଏହି ବାଲିଘାଟକୁ ନେଇ ସ୍ଥାନୀୟ ଲୋକମାନେ ବିରୋଧ କରିବା ଓ ଏହାକୁ ନେଇ ଗୋଷ୍ଠୀ ବିବାଦ ସୃଷ୍ଟି ହେଉଥିବା ବେଳେ ପ୍ରଶାସନର ନୀରବତା ଆଗାମୀ ଦିନରେ ସମସ୍ୟା ସୃଷ୍ଟି କରିବ। ଧିରେ ଧିରେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜି ପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି ।

ସୂଚନାଯୋଗ୍ୟ, ଏହି ତହସିଲ ଅଧୀନ ବଡ ବାଲିକୁଦାଠାରେ କେଲୁଅ ନଦୀ ଘାଟରୁ ଗତ ମେ' ୩୦ ରାତିରେ ଚୋରା ବାଲି ଚାଲାଣ ହେଉଥିବା ନେଇ ସେହି ଗ୍ରାମର ଶାନ୍ତନୁ କୁମାର ସାମଲ ଏହାକୁ ବିରୋଧ କରିଥିଲେ। ଟ୍ରାକ୍ଟର ଯୋଗେ ବାଲି ଚାଲାଣ ହେଲେ ନଦୀ ବନ୍ଧ ନଷ୍ଟ ହୋଇଯିବ ବୋଲି କହିଥିଲେ। ଏହାକୁ ନେଇ ଟ୍ରାକ୍ଟର ମାଲିକ ସେହି ଗ୍ରାମର ଭରତ ଜେନା ଶାନ୍ତନୁଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ଗୁରୁତର ଆହତ ହୋଇ ପ୍ରଥମେ ବଡ଼ଚଣା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ ହୋଇଥିଲେ । ଏ ନେଇ ବାଲିଚନ୍ଦ୍ରପୁର ଥାନାରେ ଶାନ୍ତନୁ ୩୧ ତାରିଖରେ ଅଭିଯୋଗ କରିଥିଲେ। ଏଥିସହ ଦର୍ପଣ ତହସିଲଦାର ଓ ଯାଜପୁର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ବାଲିଚନ୍ଦ୍ରପୁର ପୋଲିସ ଏକ ମାମଲା(ନଂ.୧୯୮/୨୩) ରୁଜୁ କରିଛି। ତେବେ ଇତିମଧରେ ୬ଦିନ ବିତିଯାଇଥିଲେ ବି ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନାହିଁ। ଯାହାକୁ ନେଇ ପୋଲିସର କାର୍ଯ୍ୟ କଳାପ ଉପରେ ପ୍ରଶ୍ନ ଉଠୁଛି। ଏ ନେଇ ବାଲିଚନ୍ଦ୍ରପୁର ଥାନା ଅଧିକାରୀ ରମାକାନ୍ତ ମୁଦୁଲିଙ୍କୁ ପଚାରିବାରୁ ସେ କୁହନ୍ତି, ଯିଏ ଆକ୍ରମଣ କରିଛି ସେ ନିଶ୍ଚିତ ଗିରଫ ହେବ। ଏ ସମ୍ପର୍କରେ ଅତିରିକ୍ତ ତହସିଲଦାର ନିରଞ୍ଜନ ଗୁରୁଙ୍କୁ ପଚାରିବାରୁ ସେ କୁହନ୍ତି, ତହସିଲଦାରଙ୍କ ବଦଳି ହୋଇ ଯିବା ପରେ ମୁଁ ୨ଦିନ ହେବ ଦାୟିତ୍ୱ ଗ୍ରହଣ କରିଛି। ଖୁବ୍‌ଶୀଘ୍ର ଚଢାଉ କରାଯାଇ ବେଆଇନ ଖାଦାନ ବନ୍ଦ କରାଯିବ ।

# ରେଳ ଦୁର୍ଘଟଣାରେ ଆହତଙ୍କ ପାଇଁ ରକ୍ତଦାନ ଶିବିର

ଯାଜପୁରରୋଡ଼,୫ା୬(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ବାହନାଗା ଟ୍ରେନ ଦୁର୍ଘଟଣାରେ ଆହତମାନଙ୍କ ପାଇଁ ରକ୍ତର ଆବଶ୍ୟକତାକୁ ଅନୁଭବ କରି ଯାଜପୁରର ରକ୍ତଦାତା ଜୀବନଦାତା ପରିବାର ପକ୍ଷରୁ ଯାଜପୁରରୋଡ଼ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଏକ ମେଗା ରକ୍ତଦାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି । ରକ୍ତଦାତା ଜୀବନଦାତା ପରିବାରର ମୁଖ୍ୟ ରାଜେଶ କୁମାର ରାଉତଙ୍କ ପ୍ରୟାସରେ ଯାଜପୁର ଜିଲାର କ୍ଲବ ଦି ୟୁଥମାସ, ଉତ୍ସର୍ଗ ହେଲ୍ପ ଲାଇନ, ଆମେ ଆପଣଙ୍କ ପାଇଁ ହେଲ୍ପ ଗ୍ରୁପ, ଆଫସା, ଆମେ ବିପଦର ସାଥି, ସ୍ମାଇଲ ଫାଉଣ୍ଡେଶନ, ହେଲପିଂ ଆଇ.ଏଚ୍.ଏନ୍ ଓ ,ସପୋର୍ଟିଂ ହ୍ୟାଣ୍ଡ, ମାନବ ସେବା ସମିତି, ଜନତା ସେବା ସମିତି, ଟିକିଏ ହସ, ଉତ୍କଳ ଫାଉଣ୍ଡେଶନ, ହାପି ଲକି, ଭରସା ଫାଉଣ୍ଡେଶନ, କଳିଙ୍ଗ ସମାଜ ଟ୍ରଷ୍ଟ, ସନରାଇଜ ସ୍ୱେଚ୍ଛାସେବୀ ସଙ୍ଗଠନର କାର୍ଯ୍ୟକାର୍ତ୍ତାଙ୍କ ସହଯୋଗରେ ଶତାଧିକ କାର୍ଯ୍ୟକର୍ତ୍ତା ଆପତକାଳୀନ ରକ୍ତ ଦାନ କରିଛନ୍ତି । ଏହି ରକ୍ତଦାନ ଶିବିରରେ ସମୁଦାୟ ୨୫୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ଏହି ରକ୍ତଦାନ ଶିବିରରେ ସୁକିନ୍ଦା କଳିଆପାଣିରୁ ୬୦ ଜଣ ଓଏସ୍‌ଆଇଏଫ୍ ପୋଲିସ କର୍ମଚାରୀ ରକ୍ତ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରକାଶ ରାଉତ, ମନୋଜ ଦାସ, ଲଳିତ ମାଧବ ଦାଶ, ବିଶ୍ୱଜିତ ଦାସ, ତବିନ ସାମଲ, ମନୋଜ ପରିଡ଼ା, ସଂଗ୍ରାମ ମହାନ୍ତି, ସଂଗ୍ରାମ ମଲ୍ଲିକ, ସୁଧାଂଶୁ ନାୟକ, ସୂର୍ଯ୍ୟମଣି ନାୟକ, ରଞ୍ଜନ ମଲ୍ଲିକ, ପୀତବାସ ପତ୍ର, ରଘୁନାଥ ପାତ୍ର, ବାବୁ ପାତ୍ର, ଅର୍ଜୁନ ସେଠୀ ଏହି ଶିବିରକୁ ପରିଚାଳାନା କରିଥିଲେ ।


ରକ୍ତଦାନ ପାଇଁ ଆସିଥିବା ରକ୍ତଦାତାମାନେ ।

# ବିଶ୍ୱ ପରିବେଶ ଦିବସରେ ଚାରା ରୋପଣ, ସଚେତନତା



ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆଦର୍ଶ ବିଦ୍ୟାଳୟ ପରିସରରେ ଓ ତାଲୁକ୍ ଆଇନ ସେବା ପକ୍ଷରୁ କୋର୍ଟ ପରିସରରେ ଚାରାରୋପଣ କରାଯାଉଛି ।

ବଡ଼ଚଣା,୫ା୬(ଡି.ଏନ.ଏ.)

ତାଲୁକ ଆଇନ ସେବା କମିଟି ପକ୍ଷରୁ ଚଣ୍ଡିଖୋଲ କୋର୍ଟ ପରିସରରେ ବିଶ୍ୱ ପରିବେଶ ଦିବସ ସୋମବାର ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଚଣ୍ଡିଖୋଲ କୋର୍ଟ ଜେଏମ୍‌ଏଫସି ବିଚାରପତି ପରୱିନ୍ ମଣ୍ଡଳ, ଯୋଗଦେଇ ବ୍ୟାପକ ଚାରା ରୋପଣ କରିବା ସହିତ ସୁସ୍ଥ ପରିବେଶ ସୃଷ୍ଟି କରିବା ପାଇଁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଚଣ୍ଡିଖୋଲ କୋର୍ଟ ବାର ଆସୋସିଏଶନ୍ ସଭାପତି ରେଣୁବାଳା ମହାନ୍ତି, ଉପସଭାପତି ଶ୍ରୀକାନ୍ତ ବଳ,ଚଣ୍ଡିଖୋଲ ବନପାଳ ମନୋଜ କୁମାର ନାୟକ, ପୂର୍ବତନ ସଭାପତି ଦେବରାଜ ବେହେରା, ଯୁଗ୍ମ ସମ୍ପାଦକ କିଶୋର ନାୟକ, ଦିନବନ୍ଧୁ ନାୟକ, କ୍ରୀଡ଼ା ସମ୍ପାଦକ ଜ୍ୟୋତି ଶଙ୍କର ମହାପାତ୍ର,କୋଷାଧକ୍ଷ ଚିନ୍ମୟ ପ୍ରତାପ, ସାଂସ୍କୃତିକ ସମ୍ପାଦକ ବିରେନ୍ଦ୍ର ବିଶ୍ୱାଳ, ଆଇନଜୀବି ସୁରେଶ ସାହାଣୀ, ଅଶୋକ ଜେନା, ଉଦୟ ନାଥ ସାହୁ, ସଂଗ୍ରାମ ଜେନା, ଯତିନ୍ ସାମଲ, ଅବିନାଶ ବଳ, କୁମର ବେହେରା, ବିରଞ୍ଚି ଆଚାର୍ଯ୍ୟ, ଶ୍ୟାମ ପ୍ରସାଦ ନାୟକ, ରୋଜାଲିନ ସାହୁ, ମନୀର ମହମ୍ମଦ, ରମେଶ ଚନ୍ଦ୍ର ନନ୍ଦ, ବିନୋଦ ରଥ, ସାଗରିକା ମଲ୍ଲିକ ପ୍ରମୁଖ ଯୋଗଦେଇ କୋର୍ଟ ପରିସରରେ ଶତାଧିକ ଫଳ ଫୁଲ ଓ ଔଷଧୀୟ ଚାରା ରୋପଣ କରିଥିଲେ ।

ସେହିପରି ବଡ଼ଚଣା ବ୍ଲକ ଶିକ୍ଷାମଣ୍ଡଳ ଅଧୀନ ଆଦର୍ଶ ବିଦ୍ୟାଳୟ ପରିସରରେ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବଡ଼ଚଣା ଶାଖା ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ବଡ଼ଚଣା ପଞ୍ଚାୟତ ସମିତି ସଭ୍ୟ ମଧୁସୁଦନ ବଳ, ବିଦ୍ୟାଳୟ ଶିକ୍ଷକ ନୃସିଂହ ପାଣିଗ୍ରାହୀ, ବଡ଼ଚଣା ସେବା କେନ୍ଦ୍ର ସଞ୍ଚାଳିକା ମାନସୀ, ବ୍ରହ୍ମକୁମାର ସରୋଜ, ପୁନାନନ୍ଦ, ଶୁଭାଶିଷ , ରବିନ୍ଦ୍ର, ପ୍ରଫୁଲ୍ଲ, ପ୍ରଦୀପ,ନବକିଶୋର, ସୁକାନ୍ତ, ଦୈତାରୀ, ପ୍ରବୋଧ, ରାହାସ ବ୍ରହ୍ମକୁମାରୀ ସୁଧାରାଣୀ କବିତା, ଜୟନ୍ତୀ, ରାଧା, ଲତିକା, ସେଲି ପ୍ରମୁଖ ଯୋଗଦେଇ ସ୍କୁଲ ପରିସରରେ ଶତାଧିକ ଫୁଲ,ଫଳ ଓ ଔଷଧୀୟ ଚାରା ରୋପଣ କରିଥିଲେ । ଏଥିସହିତ ଛାତ୍ରୀଛାତ୍ରମାନଙ୍କ ଭିତରେ ଚାରାରୋପଣ କରିବା ପାଇଁ ସଚେତନତା ସୃଷ୍ଟି କରିଥିଲେ ।

## ସଂକ୍ଷେପରେ

### ରାଜ୍ୟ ଦୌଡ଼ କୁଦ ପ୍ରତିଯୋଗିତା: ୧୦ରୁ ଜିଲା ଦଳ ଚୟନ

ଜଗତସିଂହପୁର ଅଫିସ, ୫।୬- ଓଡ଼ିଶା ଦୌଡ଼ କୁଦ ସଂଘ ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ମିଳିତ ଆନୁକୂଲ୍ୟରେ ୨୯ତମ ରାଜ୍ୟ ଦୌଡ଼ କୁଦ ପ୍ରତିଯୋଗିତା ଜୁନ୍‌ରେ ଅନୁଷ୍ଠିତ ହେବ। ଏଥିରେ ଦୌଡ଼ ସହ ହାଇ ଜମ୍ପ, ଲଙ୍ଗ ଜମ୍ପ, ଶଟ୍‌ଫୁଟ୍ ଥ୍ରୋ ଓ ଜାଭେଲିନ୍ ଥ୍ରୋ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ ।ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଜଗତ୍‌ସିଂହପୁର ଜିଲା ଦଳ ଆସନ୍ତା ୧୦ ଓ ୧୧ ତାରିଖରେ ମନୋନୟନ କରାଯିବ। ଏହିଦିନ ସକାଳ ୬ରୁ ୧୦ଟା ମଧ୍ୟରେ ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ପ୍ରତିଯୋଗିତା ହେବ। ୧୪, ୧୬ ଓ ୧୮ ବର୍ଷର ବାଳିକା ଓ ବାଳକଙ୍କ ପ୍ରତିଯୋଗିତା ୧୦ ତାରିଖରେ ହେବ। ସେହିପରି ୨୦ରୁ ୨୩ ବର୍ଷର ମହିଳାମାନଙ୍କ ପାଇଁ ୧୧ ତାରିଖରେ ପ୍ରତିଯୋଗିତା କରାଯିବ। ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ ପାଇଁ ଖେଳାଳିମାନେ ସ୍ଥାନୀୟ ଷ୍ଟାଡିୟମରେ ବୟସ ପ୍ରମାଣପତ୍ର ସହ ଉପସ୍ଥିତ ହେବା ଜରୁରୀ। ସୋମବାର ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ଦୋଳଗୋବିନ୍ଦ ଦାଶଙ୍କ ପକ୍ଷରୁ ଏକ ପ୍ରେସ୍ ଇସ୍ତାହାରରେ ଏହି ସୂଚନା ଦିଆଯାଇଛି ।

### ଜଙ୍ଗଲ ବଞ୍ଚିଲେ ଆମେ ବଞ୍ଚିବା

କୁଜଙ୍ଗ,୫।୬(ଡି.ଏନ୍.ଏ.): ବିଶ୍ୱ ପରିବେଶ ଦିବସ ଅବସରରେ ରାଜନଗର ଲୁଣା ଜଙ୍ଗଲ ବନଖଣ୍ଡ ପକ୍ଷରୁ ସୋମବାର ଏରସମା ବ୍ଲକ ଗଡ଼କୁଜଙ୍ଗ ପଞ୍ଚାୟତ ଅନ୍ତର୍ଗତ ପୋଲାଙ୍ଗ ପ୍ରାଥମିକ ବିଦ୍ୟାଳୟ ପରିସରରେ ପରିବେଶ ସୁରକ୍ଷା ସମ୍ପର୍କିତ କର୍ମଶାଳା ଓ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ଜଗତ୍‌ସିଂହପୁର ଏମ୍‌ପି ଡା. ରାଜଶ୍ରୀ ମଲିକ ଯୋଗଦେଇ ଜଙ୍ଗଲ ବଞ୍ଚିଲେ ଆମେ ବଞ୍ଚିବା । ଆମେ ଯଦି ଜଙ୍ଗଲକୁ ସୁରକ୍ଷା ନ ଦେଇପାରିବା ଆମ୍ଭମାନଙ୍କୁ ସୁରକ୍ଷା ଦେବାକୁ କେହି ନ ଥିବେ ବୋଲି ସେ କହିଥିଲେ । ପ୍ରାଣୀ ଓ ଉଦ୍ଭିଦ ଗବେଷକ ପ୍ରସନ୍ନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଏରସମା ପଞ୍ଚାୟତ ସମିତି ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ବିକାଶ ପରିଡା, ସହକାରୀ ବନ ସଂରକ୍ଷକ ପୁନମ ହୀରା ହାଁସଦା, ଡ. ହେମନ୍ତ ମୁଦୁଲି, ନୂଆଗାଁ ସରପଞ୍ଚ ସୂଚିତ୍ରା ମନ୍ତ୍ରୀ ପ୍ରମୁଖ ଯୋଗଦେଇ ହେନ୍ତାଳ ବନ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ । କୁଜଙ୍ଗ ରେଞ୍ଜ ଅଧିକାରୀ ରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ପରିବେଶ ଦିବସରେ ସଚେତନତା

ପାରାଦୀପ,୫।୬(ସ୍ୱ.ପ୍ର.): ପାରାଦୀପର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଆଦର୍ଶ ପ୍ରୟାସ ଓ ଆହ୍ୱାନ କମ୍ବାଇନ୍ସ ପକ୍ଷରୁ ପରିବେଶ ଦିବସ ଉପଲକ୍ଷେ ୨ ଦିନ ଧରି ସଚେତନତା ଅଭିଯାନ କରାଯାଇଛି। ଏହି ଅବସରରେ ସାଇକେଲ ଯୋଗେ ଶୋଭାଯାତ୍ରା, ବେଳାଭୂମିରେ ସଫେଇ, ପଥପ୍ରାନ୍ତ ସଭା, ସାଧାରଣ ଲୋକଙ୍କୁ ନେଇ ସଚେତନତା ପ୍ରତିଯୋଗିତା, ଚାରା ରୋପଣ, ଚାରା ବଣ୍ଟନ ଆଦି କରାଯାଇଥିଲା। ଏଥିରେ ବିଭିନ୍ନ ବର୍ଗର ଲୋକ, ଜନ ପ୍ରତିନିଧି, ସରକାରୀ ଅଧିକାରୀ ପ୍ରମୁଖ ସାମିଲ ହୋଇଥିଲେ। ଆଦର୍ଶପ୍ରୟାସର ପ୍ରମୁଖ ଅମିୟ ଦାସଙ୍କ ସମେତ ୩୦ରୁ ଅଧିକ ଯୁବତୀ ଯୁବକ ଏବଂ ଆହ୍ୱାନ କମ୍ବାଇନ୍ସ ସଭାପତି ସାଗର ବିଶ୍ୱାଳଙ୍କ ସହିତ ଅନ୍ୟ ଯୁବ ଟିମ୍ ଏଥିରେ ସାମିଲ ହୋଇଥିଲେ।

# କାଗଜକଲମରେ ସୀମିତ ଚାରାରୋପଣ

- ବିଗିଡ଼ି ଚାଲିଛି ପରିବେଶ
- ଲୋକେ ସଚେତନ ନ ହେଲେ ପରିସ୍ଥିତି ଜଟିଳ

ଜଗତ୍‌ସିଂହପୁର ଅଫିସ, ୫।୬

ପ୍ରତିବର୍ଷ ପରି ଚଳିତବର୍ଷ ଜୁନ ୫ ତାରିଖରେ ଜଗତ୍‌ସିଂହପୁର ଜିଲାରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି। କିନ୍ତୁ ପରିବେଶରେ ସୁଧାର ଆସିବା ପରିବର୍ତ୍ତେ ଦିନକୁ ଦିନ ବିଗିଡ଼ି ଚାଲିଛି। ପ୍ରତିବର୍ଷ ଅନେକ ହଜାର ଚାରା ଲଗାଯାଉଥିବା କାଗଜ କଲମରେ ଦର୍ଶାଯାଉଛି। ପ୍ଲାଷ୍ଟିକ ଓ ବର୍ଜ୍ୟବସ୍ତୁ ଏଣେତେଣେ ନ ପକାଇବା ପାଇଁ କୁହାଯାଉଛି । ଆଖପାଖରେ ଅଳିଆ, ଆବର୍ଜନା ପକାଇ ପରିବେଶ ପ୍ରଦୂଷିତ ନ କରିବା ପାଇଁ ବାର୍ତ୍ତା ଦିଆଯାଉଛି । କିନ୍ତୁ ସୁଧାର ଆସୁନି । ସତେ ଯେପରି ଔପଚାରିକତା ପୂରଣ ପାଇଁ ବିଶ୍ୱ ପରିବେଶ ଦିବସ ପାଳନ କରାଯାଉଥିବା ଅଭିଯୋଗ ହେଉଛି।

ଜଗତ୍‌ସିଂହପୁର ଜିଲାରେ ପ୍ରତିବର୍ଷ ଯେତିକି ଗଛ ଲାଗୁଥିବା ଦର୍ଶାଯାଉଛି ବାସ୍ତବ କ୍ଷେତ୍ରରେ କିଛି ନିଆରା । ଅନେକ ସମୟରେ ଗଛ ଲଗାଗଲା ପରେ ସେଥିରେ ପାଣି ଓ ଅନ୍ୟ ଯତ୍ନ ନେବାର ଆବଶ୍ୟକତା ଥାଏ । କିନ୍ତୁ ତାହା କରାଯାଉ ନ ଥିବାରୁ ପାଖାପାଖି ୭୦% ଗଛ ବଞ୍ଚିପାରୁ ନ ଥିବା ଅଭିଯୋଗ ହେଉଛି । ଅନ୍ୟପଟେ କାଠ ଚୋରମାନେ ନିକଟସ୍ଥ ଧଳତଙ୍ଗଗଡ଼ ଜଙ୍ଗଲ ସମେତ ରାସ୍ତା ପାର୍ଶ୍ୱରୁ ଗଛ କାଟି ନେଉଛନ୍ତି । ଏହାଦ୍ୱାରା ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରୁନାହିଁ । ପାରାଦୀପରେ ଏକାଧିକ ବଡ ଓ ଛୋଟ ଶିଳ୍ପ ଗଢି ଉଠିଛି। ଏଥିଯୋଗୁ ପରିବେଶ ପ୍ରଭାବିତ ହେଉଛି । ଶିଳ୍ପ ସଂସ୍ଥାଗୁଡିକ ଏହା ଉପରେ ବିଶେଷ ଧ୍ୟାନ ଦେବାର ଆବଶ୍ୟକତା ଥିବାବେଳେ ସେଭଳି ପରିଲକ୍ଷିତ ହେଉନାହିଁ। ବର୍ଜ୍ୟବସ୍ତୁ ପରିଚାଳନା ଓ ନିୟନ୍ତ୍ରଣ ସନ୍ତୋଷଜନକ ଭାବେ କରାଯାଉନାହିଁ । ଏଭଳି ସମସ୍ୟା ଭିତରେ ଜିଲାବାସୀ ଘାଣ୍ଟି ହେଉଥିବା ବେଳେ ଆଶାଜନକ ସଚେତନତା କାର୍ଯ୍ୟକ୍ରମ କିମ୍ବା ଚାରା ରୋପଣ ହେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି ।

## ବିଶ୍ୱ ପରିବେଶ ଦିବସ



ଆଇନ ସେବା ପାଧିକରଣ ଓ ଜଙ୍ଗଲ ପରିବେଶ ବିଭାଗର ମିଳିତ ଆନୁକୂଲ୍ୟରେ ଚାରା ରୋପଣ କରାଯାଉଛି।

ସୋମବାର ଜିଲା ଆଇନସେବା ପ୍ରାଧିକରଣ ଏବଂ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ମିଳିତ ଆନୁକୂଲ୍ୟରେ ଜଗତ୍‌ସିଂହପୁର ଦେଉଳିସାହିସ୍ଥିତ ଅନ୍ତ୍ୟୋଦୟ ଉଚ୍ଚ ବିଦ୍ୟାଳୟ ପରିସରରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଚାରାରୋପଣ ମଧ୍ୟ କରାଯାଇଥିଲା। ପ୍ରାଧିକରଣ ଭାରପ୍ରାପ୍ତ ସଚିବ ତଥା ସିଭିଲ କୋର୍ଟ ରେଜିଷ୍ଟ୍ରାର ରଶ୍ମିତା ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସରପଞ୍ଚ କାଳନ୍ଦୀ ମହାନ୍ତି, ପ୍ରଧାନ ଶିକ୍ଷକ କ୍ଷୀରୋଦ ଚନ୍ଦ୍ର ଦାଶ, ପୁରାତନ ଛାତ୍ର ସଂସଦ ସଭାପତି ମାନସ କୁମାର ସ୍ୱାଇଁ, ଫରେଷ୍ଟର ବାମନ ଚରଣ ରାଉତ, ପାରା ଲିଗାଲ ସ୍ୱେଚ୍ଛାସେବୀ କ୍ଷୀରୋଦ କୁମାର ଦାଶ, ସତ୍ୟବ୍ରତ ତ୍ରିପାଠୀ, ତପନ ସ୍ୱାଇଁ, ମନୋଜ କୁମାର ସ୍ୱାଇଁ ଓ ଶୁଭଲକ୍ଷ୍ମୀ ନାୟକ ପ୍ରମୁଖ ଉପସ୍ଥିତ ରହି ଚାରା ରୋପଣ କରିଥିଲେ । ଏହି ଅବସରରେ ପ୍ରାଧିକରଣ ସଚିବ ସାହୁ କହିଥିଲେ, ମିଳିତ ଜାତିସଂଘର ଆହ୍ୱାନକ୍ରମେ ୧୯୭୩ରୁ ଏହି ଦିବସ ପାଳିତ ହୋଇ ଆସୁଛି । ପରିବେଶ ସହ ମନୁଷ୍ୟଜୀବନ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । କେବଳ ଏକ ସୁସ୍ଥ ପରିବେଶରେ ହିଁ ସୁସ୍ଥ ମଣିଷ ସମାଜର ପରିକଳ୍ପନା କରାଯାଇପାରେ। ଏ ପରିବେଶ ସବୁ ପଟରୁ ପ୍ରଦୂଷିତ ହେବାକୁ ଲାଗିଲାଣି । ଏହାକୁ ପ୍ରଦୂଷଣମୁକ୍ତ ରଖିବା ହିଁ ଆମର ପ୍ରାଥମିକ କର୍ତ୍ତବ୍ୟ ଓ ଦାୟିତ୍ୱ। ଏହା ସହିତ ପରିବେଶର ଉପକାରିତା, ପରିବେଶ ପ୍ରଦୂଷଣର କାରଣ, ପରିବେଶ ସନ୍ତୁଳନରେ ବୃକ୍ଷର ଭୂମିକା, ସବୁଜ କୋଠରି ଗ୍ୟାସ, ପରିବେଶ ସୁରକ୍ଷା ଅଧିନିୟମ ୧୯୮୬ ଆଦି ବିଷୟରେ ଆଲୋକପାତ କରିଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ବୃକ୍ଷଗୁଡିକର ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ।



ବାଲେଶ୍ୱର ବାହାନଗାଠାରେ ଘଟିଥିବା ଟ୍ରେନ ଦୁର୍ଘଟଣାରେ ମୃତକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଓ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା ଉଦ୍ଦେଶ୍ୟରେ ସୋମବାର ସନ୍ଧ୍ୟାରେ ପାରାଦୀପସ୍ଥିତ ମଧୁବନ ଜଗନ୍ନାଥ ମନ୍ଦିରରେ ସମୂହ ଦୀପଦାନ ଓ ପ୍ରାର୍ଥନା କରାଯାଇଛି। ପାରାଦୀପରେ ଆମ ପାରାଦୀପ ଆମ ପ୍ରଗତି ସଂଗଠନ ପକ୍ଷରୁ ଏହା ଆୟୋଜନ କରାଯାଇଥିଲା।




ବାଲିତୁଠ ଅଞ୍ଚଳରେ ବିଶ୍ୱ ପରିବେଶ ଦିବସ ଅବସରରେ ବାଲୁକା କଳାରେ ସଚେତନତା ବାର୍ତ୍ତା।

# ୫ ହଜାର ଚାରାରୋପଣ

କୁଜଙ୍ଗ,୫।୬(ଡି.ଏନ୍.ଏ.)

ପାରାଦୀପସ୍ଥିତ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ପ୍ରସ୍ତାବିତ ପ୍ରକଳ୍ପ ଅଞ୍ଚଳ ମାହଳ ନିକଟସ୍ତ ସମୁଦ୍ର ବେଳାଭୂମିରେ ୫ ହଜାରରୁ ଊର୍ଦ୍ଧ୍ୱ ଝାଉଁ ଚାରା ରୋପଣ କରାଯାଇଛି । ଏହି ଅବସରରେ ସ୍ଥାନୀୟ ବାଲିତୁଠ ଅଞ୍ଚଳର ଯୁବବାଲୁକା ଶିଳ୍ପୀ ପାର୍ଥ ସାରଥି ଜେନାଙ୍କ ଦ୍ୱାରା ନିର୍ମିତ ପରିବେଶ ସୁରକ୍ଷା ଓ ସଚେତନତା ବାର୍ତ୍ତା ଦେଇଥିବା ଏକ ବାଲୁକା କଳା ପ୍ରଦର୍ଶନ କରାଯାଇଥିଲା। ବଙ୍ଗୋପସାଗର ତଟବର୍ତ୍ତୀ ଅଞ୍ଚଳ ସବୁସମୟରେ ସାମୁଦ୍ରିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। ତେଣୁ ଉପକୂଳରେ ଘଞ୍ଚ ଜଙ୍ଗଲ ସୃଷ୍ଟିହେବା ଜରୁରୀ। ଏହାକୁ ଦୃଷ୍ଟିରେ ରଖି ବେଳା ଭୂମିରେ ବ୍ୟାପକ ଝାଉଁ ଜଙ୍ଗଲ କମ୍ପାନୀ ପକ୍ଷରୁ ସୃଷ୍ଟି କରାଯିବ ବୋଲି ଉପସ୍ଥିତ ଅଧିକାରୀମାନେ କହିଥିଲେ । ସେହିପରି କୁଜଙ୍ଗ ବ୍ଲକ ପୋତାନଇ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ପରିବେଶ ଦିବସ ପାଳନ ଅବସରରେ ନିକଟସ୍ଥ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ସଭା ଓ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ଆୟୁଷ ଡାକ୍ତର ଲୋପାମୁଦ୍ରା ବରାଳ, ଫାର୍ମାସିଷ୍ଟ ଦେବ ପ୍ରସାଦ ବିଶୋଇ, ଯୋଗ ଶିକ୍ଷକ ଅଭୟ ସାମଲ ଓ ଆଶାକର୍ମୀ ଗୋଲାପ ବାରିକ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# 'ମହୋତ୍ସବ ସମସ୍ତଙ୍କୁ ଗୋଟିଏ ସୂତାରେ ବାନ୍ଧି ରଖେ'




କୁଜଙ୍ଗ,୫।୬(ଡି.ଏନ୍.ଏ.)

କୁଜଙ୍ଗ ବ୍ଲକ ଅନ୍ତର୍ଗତ ତାଳଦଣ୍ଡା ମହାନଦୀ ପଠାରେ ଦ୍ୱିତୀୟ ବାର୍ଷିକ ମହାନଦୀ ମହୋତ୍ସବ ସୋମବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବ କମିଟିର ସଭାପତି ସୁବାସ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ଜଗତ୍‌ସିଂହପୁର ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି ଯୋଗଦେଇ ସାଂସ୍କୃତିକ ମହୋତ୍ସବ ସମସ୍ତଙ୍କୁ ଗୋଟିଏ ସୂତାରେ ବାନ୍ଧି ରଖେ ବୋଲି କହିଥିଲେ। ଓଡ଼ିଶାର ଗଙ୍ଗାମାତା ରୂପେ ପରିଚିତ ମହାନଦୀର ନାମକୁ ନେଇ ଗଢ଼ି ଉଠିଥିବା ଏହି ମହୋତ୍ସବକୁ ବଞ୍ଚାଇ ରଖିବାକୁ ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିଳ୍ପପତି ପ୍ରହ୍ଲାଦ ଚନ୍ଦ୍ର ବେହେରା ଯୋଗଦେଇ ଛତିଶଗଡ଼ରୁ ବାହାରିଥିବା ମହାନଦୀ ପାରାଦୀପ ମାଟିରେ ବଙ୍ଗୋପସାଗରରେ ମିଶିଛି ବୋଲି କହିଥିଲେ। ଏହି ମାଟିରେ ମହାନଦୀ ନାମକୁ ନେଇ ଯେଉଁ ମହୋତ୍ସବ ଜନ୍ମ ନେଇଛି ତାହା ଦୀର୍ଘ ସ୍ଥାୟୀ ହେଉ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁଜଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ନୀନାରାଣୀ ସାହୁ, କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ମହ୍ଲାସାହି ସରପଞ୍ଚ ଧ୍ରୁବ ଚରଣ ନାୟକ, ଜିଲା ପରିଷଦ ସଭ୍ୟ ପ୍ରମୋଦ ସ୍ୱାଇଁ, ଏମ୍‌ପିଙ୍କ ପ୍ରତିନିଧି ସୁଢ଼ଳ କୁମାର ସ୍ୱାଇଁ, ଜିଲାନାସୀ ସରପଞ୍ଚଙ୍କ ପ୍ରତିନିଧି ଅଭୟ ପରିଡ଼ା ଓ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ୍ ଉପ ସଭାନେତ୍ରୀ ଆରତୀ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

# ଜିଲାପାଳଙ୍କ ଜନଶୁଣାଣିରେ ୪୩ ଅଭିଯୋଗ

ରଘୁନାଥପୁର,୫।୬(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୪୩ ଅଭିଯୋଗ ହୋଇଛି। ଜିଲାପାଳ ପାରୁଲ ପଟୱାରି, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲାପରିଷଦ ରୁଦ୍ରନାରାୟଣ ଦାଶ, ଅତିରିକ୍ତ ଏସ୍‌ପି ଉମେଶ କୁମାର ପଣ୍ଡା, ତହସିଲଦାର ରୂପାଲିକା ଦାଶ ଓ ବିଡିଓ ତପନ କୁମାର ସେନାପତି ଏସବୁ ଅଭିଯୋଗର ଶୁଣାଣି କରିଥିଲେ। ଅଭିଯୋଗ ମଧ୍ୟରେ ବ୍ଲକ କାର୍ଯ୍ୟାଳୟରେ ବାୟୋମେଟ୍ରିକ ପଦ୍ଧତି ଆପଣେଇବା, ସିସିଟିଭି ଲଗାଇବା ଓ ବିଭିନ୍ନ ସରକାରୀ ଅଫିସରେ ୩ ବର୍ଷରୁ ଊର୍ଦ୍ଧ୍ୱ କାଳ ରହିଥିବା କର୍ମଚାରୀଙ୍କୁ ବଦଳି କରାଯିବା ମୁଖ୍ୟ ପ୍ରସଙ୍ଗ ଥିଲା। ଗତ ୨ ମାସ ତଳେ ଅନୁଷ୍ଠିତ ଜନଶୁଣାଣିରେ ସାମାଜିକ କର୍ମୀ ସରିତ ମହାପାତ୍ର ଏ ସମ୍ପର୍କରେ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ଏହାଛଡ଼ା ୫-ଟି ସଚିବଙ୍କୁ ମଧ ଜଣାଇଥିଲେ। କୌଣସି ସୁଫଳ ନ ମିଳିବାରୁ ପୁନର୍ବାର ମହାପାତ୍ର ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏ ସମ୍ପର୍କରେ ଅଫିସିଆଲ ପ୍ରୋସେସିଂ ଚାଲିଛି ବୋଲି ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦାଶ ପ୍ରକାଶ କରିଥିଲେ। ସେହିପରି ଧରାଧାରପୁର ପାଣିପଞ୍ଚାୟତ ଗଠନରେ ଅନିୟମିତତା ହେଉଥିବା ସମ୍ପର୍କରେ ସାମାଜିକ କର୍ମୀ ମହାପାତ୍ର ଅନ୍ୟ ଏକ ଅଭିଯୋଗ କରିଥିଲେ। ଦମକଳ କେନ୍ଦ୍ରର ଫୋନ କାମ କରୁ ନ ଥିବା ସମ୍ପର୍କରେ ବିଶ୍ୱରଞ୍ଜନ ମହାପାତ୍ର, ପୁରୁଣା ବସନ୍ତ ଗ୍ରାମର ରେଣୁବାଳା ସ୍ୱାଇଁଙ୍କୁ ପୁଅମାନେ ଅତ୍ୟାଚାର କରୁଥିବା, ଜଗନ୍ନାଥପୁର କନ୍ଦରାପାଟି ଗ୍ରାମ ନିଶାମଣି ଦେଇଙ୍କୁ ଘରଡ଼ିଅ ଯୋଗାଇଦେବା ନେଇ ଅଭିଯୋଗ ହୋଇଥିଲା। ଭାସିଲପୁର ଡ୍ରେନ ନିର୍ମାଣ ସ୍ଥଳରେ ଦୋକାନ କରି ଜବରଦଖଲରେ ରଖିବା, ରାଶନକାର୍ଡ, ବିଧବା ଭତ୍ତା, ଜମିଜମା ସମ୍ପର୍କିତ ଓ ପକ୍କାଗୃହ ସମ୍ପର୍କରେ ଅଭିଯୋଗ ହୋଇଥିଲା। ଜିଲା ଓ ବ୍ଲକ ପ୍ରଶାସନର ବହୁ ଅଧିକାରୀ ଏହି ଜନଶୁଣାଣିରେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ପ୍ରଚାରପ୍ରସାରର ଅଭାବ ଯୋଗୁ ବହୁ ଲୋକ ଜାଣି ନ ପାରି ଜନଶୁଣାଣିରୁ ବଞ୍ଚିତ ହେଉଥିବା ସାଧାରଣରେ ଅଭିଯୋଗ ହେଉଛି।

## ଏଏମ୍‌ଏନ୍‌ଏସ୍‌ର ସମୂହ ସଫେଇ,ଚାରା ରୋପଣ

ପାରାଦୀପ,୫।୬(ସ୍ୱ.ପ୍ର.)

ପାରାଦୀପ ଏଏମ୍‌ଏନ୍‌ଏସ୍ (ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ)କମ୍ପାନୀ ପକ୍ଷରୁ ସୋମବାର ପ୍ଲାଣ୍ଟ ସମ୍ମୁଖ ଜାତୀୟ ରାଜପଥ ପାଖରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି। ଏହି ଅବସରରେ ଜାତୀୟ ରାଜପଥ ଉପରେ ଥିବା ଧୂଳି ଆସ୍ତରଣ ଓ ଆବର୍ଜନା ସଫେଇ କରାଯାଇଥିଲା। ଏଥିସହ ଚାରା ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ୧ ମାସ ଧରି ପ୍ଲାଣ୍ଟ ଗେଟ୍ ଠାରୁ ଲକ୍ ଥାନା ପର୍ଯ୍ୟନ୍ତ କରାଯିବ ବୋଲି କମ୍ପାନୀ ନିର୍ବାହୀ ନିର୍ଦ୍ଦେଶକ ସୁରେଶ ଜି କହିଛନ୍ତି। କାର୍ଯ୍ୟକ୍ରମରେ ଦେବେନ୍ଦ୍ର ରାଉତ, ସସ୍ମିତା ବେହେରା, ଜ୍ଞାନଜିତ୍ ସ୍ୱାଇଁ,ଏମ୍‌ପିଙ୍କ ପ୍ରତିନିଧି ସୁଢ଼ଳ ସ୍ୱାଇଁ, ପୁଷ୍କରଚନ୍ଦ୍ର ବେହେରା ଓ କମ୍ପାନୀ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପ୍ଲାଷ୍ଟିକ ଭବିଷ୍ୟତ ପିଢ଼ି ପାଇଁ ବିପଜ୍ଜନକ

ପାରାଦୀପ, ୫।୬(ସ୍ୱ.ପ୍ର.)




ବନ୍ଦର ଅଧ୍ୟକ୍ଷ ଓ ଅନ୍ୟମାନେ ଚାରା ରୋପଣ କରୁଛନ୍ତି।

ପାରାଦୀପ ବନ୍ଦର ପକ୍ଷରୁ ସୋମବାର ବିଶ୍ୱ ପରିବେଶ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସକାଳେ ସାକ୍ଷରତା ସମିତି ଜରିଆରେ ଚାରା ରୋପଣ, ସଫେଇ ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ଅପରାହ୍ଣରେ ଏସ୍‌ଟିପି (ସ୍ୱିୱେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ)ପରିସରରେ ଚାରା ରୋପଣ ସହ ସଚେତନତା ସଭା କରାଯାଇଥିଲା। ଏଥିରେ ଅଧ୍ୟକ୍ଷ ପି.ଏଲ.ହାରାନ୍ଧ, ଉପାଧ୍ୟକ୍ଷ ନିଳଭ୍ର ଦାସଗୁପ୍ତାଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଚଳିତବର୍ଷର ବିଶ୍ୱସ୍ତରୀୟ ବାର୍ତ୍ତା ରହିଛି ବିଟ୍ ପ୍ଲାଷ୍ଟିକ। ଏହାକୁ ସମସ୍ତ ନିଜ ସ୍ତରରେ ସଚେତନ କରିବା ପାଇଁ ଅଧ୍ୟକ୍ଷ ହାରାନ୍ଧ ଆହ୍ୱାନ ଦେଇଥିଲେ। କାରଣ ବର୍ତ୍ତମାନ ଯେତିକି ପ୍ଲାଷ୍ଟିକ ଆମେ ବ୍ୟବହାର କରୁଛେ ତାହା ଜାରି ରହିଲେ ୨୦୫୦ ବେଳକୁ ଭୟଙ୍କର ବିପଦ ସୃଷ୍ଟି ହେବାର ଆଶଙ୍କା ରହିଛି। ସେଥିପାଇଁ ଭବିଷ୍ୟତ ପିଢ଼ି ପାଇଁ ଆମକୁ ସଜାଗ ହେବାକୁ ପଡ଼ିବ ବୋଲି ସେ କହିଥିଲେ। ପାରାଦୀପ ବନ୍ଦର ପକ୍ଷରୁ ଏଥିପାଇଁ ପ୍ରତିବର୍ଷ ବ୍ୟାପକ ଚାରା ରୋପଣ କରାଯାଏ ବୋଲି ସେ କହିଥିଲେ।

# ଉପନିବନ୍ଧକ, ବିବାହ ଅଧିକାରୀଙ୍କ କାର୍ଯ୍ୟାଳୟରେ ତାଲା

ରଘୁନାଥପୁର,୫।୬(ଡି.ଏନ୍.ଏ.)

**ଅମଲା ମଞ୍ଚର ନିଷ୍ପତ୍ତିକ୍ରମେ ୩ କର୍ମଚାରୀଙ୍କ ସମୂହ ଛୁଟି**

ଅମଲାଙ୍କ ବେତନ ଲେଭଲ ୪ରୁ ୯ କୁ ବୃଦ୍ଧି ଦାବିକରି ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚର ନିଷ୍ପତ୍ତି କ୍ରମେ ରଘୁନାଥପୁର ବ୍ଲକ ଉପନିବନ୍ଧକ ଓ ବିବାହ ଅଧିକାରୀଙ୍କ କାର୍ଯ୍ୟାଳୟର ୩ କର୍ମଚାରୀ ଜୁନ୍ ୧ ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଛୁଟିରେ ଯାଇଛନ୍ତି। ଫଳରେ ଅଫିସ୍ ସମ୍ପୂର୍ଣ୍ଣ ଅଚଳ ହୋଇଯାଇଛି। ଗତ ୫ ଦିନ ମଧ୍ୟରେ ଗୋଟିଏ ହେଲେବି ଜମି କିଣାବିକା କବଲା କିମ୍ବା ବିବାହ ରେଜିଷ୍ଟ୍ରେଶନ ହୋଇପାରିନାହିଁ। ଅନ୍ୟପକ୍ଷେ ଅଫିସରେ କାର୍ଯ୍ୟ କରୁଥିବା ସୀମିତ ଡାଟା ଏଣ୍ଟ୍ରି ଅପରେଟର କାର୍ଯ୍ୟ ନ ଥିବାରୁ ହାତବାନ୍ଧି ବସିଛନ୍ତି। ସୋମବାର ଅଫିସ କାର୍ଯ୍ୟାଳୟରେ ତାଲା ପଡ଼ିଥିବା ଦେଖିବାକୁ ମିଳିଛି। ଲୋକେ ନିଜର ଜମିବାଡି ବିକ୍ରି କବଲା କରିବା ପାଇଁ ଅଫିସକୁ ଆସି ଫେରିବାକୁ ବାଧ ହେଉଛନ୍ତି। ସୂଚନାଯୋଗ୍ୟ, ୨୦୧୯ରୁ ଏଠାରେ ସ୍ଥାୟୀ ସବ୍‌ରେଜିଷ୍ଟ୍ରାର ନାହାନ୍ତି। ବିଭିନ୍ନ ସମୟରେ ସ୍ଥାନୀୟ ଅଧିକାରୀମାନେ ଦାୟିତ୍ୱରେ ରହି କାର୍ଯ୍ୟ ସମ୍ପାଦନ କରନ୍ତି। ନିକଟରେ ସବ୍‌ରେଜିଷ୍ଟ୍ରାର ଦାୟିତ୍ୱରେ ଥିବା ବିରିଡି ତହସିଲର ଅତିରିକ୍ତ ତହସିଲଦାର ଅଭୟ କୁମାର ପ୍ରତିହାରୀଙ୍କ ବଦଳି ହୋଇଯାଇଛି। ଏହାପରଠୁ ପୁନର୍ବାର ଅଫିସର ମୁଖ୍ୟ ପଦବୀ ଖାଲି ପଡ଼ିଛି। ସେହିପରି ପିଅନ ଓ ରାତ୍ରି ଜଗୁଆଳ ପଦବୀ ଖାଲି ପଡିଛି। ଫଳରେ ଅଫିସର ସମସ୍ୟା ଦ୍ୱିଗୁଣିତ ହୋଇଯାଇଛି। ଏଭଳିସ୍ଥିତିରେ ୩ ଜଣ କର୍ମଚାରୀ ଛୁଟିରେ ଯିବାରୁ କାର୍ଯ୍ୟାଳୟ ଏକ ପ୍ରକାର ଅଚଳ ହୋଇଯାଇଛି। ଏଥିପ୍ରତି ଜିଲାପାଳ ଦୃଷ୍ଟିଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



# ଖରାରେ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ କରୁଛନ୍ତି ଶ୍ରମିକ

ନାଉଗାଁ,୫।୬(ସ୍ୱ.ପ୍ର.)

**ଶ୍ରମ ନିର୍ଦ୍ଦେଶାଳୟ ଆଇନର ଖୋଲା ଉଲ୍ଲଂଘନ**

ନାଉଗାଁ ବ୍ଲକ ଅନ୍ତର୍ଗତ ଜାମୁଦଣ୍ଡାରେ ଠିକାଦାରଙ୍କ ଜରିଆରେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଉଛି। ଏହି ପ୍ରକଳ୍ପର ତଦାରଖ ଦାୟିତ୍ୱ ଗ୍ରାମ୍ୟ ଜଳ ଯୋଗାଣ ପରିମଳ ବିଭାଗ ହାତରେ ରହିଛି। ମାତ୍ର ଏଠାରେ ଶ୍ରମ ନିର୍ଦ୍ଦେଶାଳୟ ଆଇନକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ଗ୍ରୀଷ୍ମ ପ୍ରବାହରେ ଘରୁ ବାହାରକୁ ବାହାରିବା କଷ୍ଟକର ହେଉଥିବାବେଳେ ପ୍ରକଳ୍ପ ତିଆରି ପାଇଁ ଶ୍ରମିକମାନେ ଉହଖରାରେ କାମ କରୁଛନ୍ତି। ଏଭଳିସ୍ଥିତିରେ ଶ୍ରମିକଙ୍କ କୌଣସି ଅଘଟଣ ଘଟିଲେ ସେଥିପାଇଁ କିଏ ଦାୟୀ ରହିବ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଓଡିଶା ସରକାରଙ୍କ ସ୍ପେଶାଲ ରିଲିଫ କମିଶନର ଚିଠି ନଂ. ୧୪୪୬/୧୧-୪-୨୩ ଅନୁଯାୟୀ, ଜିଲାପାଳମାନଙ୍କୁ ସକାଳୁ କାର୍ଯ୍ୟାଳୟ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଗ୍ରୀଷ୍ମ ପ୍ରବାହ ସମ୍ବନ୍ଧରେ ସଚେତନତାମୂଳକ କାର୍ଯ୍ୟକ୍ରମ କରିବାପାଇଁ ଚିଠିରେ ଉଲ୍ଲେଖ ରହିଛି। ଏନେଇ ସମସ୍ତ ସରକାରୀ ବେସରକାରୀ କାର୍ଯ୍ୟାଳୟ ସକାଳ ସମୟରେ ଖୋଲା ଯାଉଛି। ସେହିପରି ଅଂଶୁଘାତରୁ ଶ୍ରମିକମାନଙ୍କୁ ରକ୍ଷା କରିବା ପାଇଁ ଶ୍ରମ ନିର୍ଦ୍ଦେଶାଳୟ ପକ୍ଷରୁ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ଶ୍ରମିକମାନଙ୍କୁ ଦିନରେ ୧୧ଟାରୁ ୧୧ ଟା୩୦ ମଧ୍ୟରେ କାର୍ଯ୍ୟ ବନ୍ଦ କରିବାକୁ କୁହାଯାଇଛି। ପୁନର୍ବାର ୩ଟା ପରେ କାର୍ଯ୍ୟ କରାଇବାକୁ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। କିନ୍ତୁ ବ୍ଲକ ଓ ଗ୍ରାମ୍ୟ ପରିମଳ କାର୍ଯ୍ୟାଳୟର ମାତ୍ର କିଛି ଦୂରରେ ଶ୍ରମିକମାନେ ଖରାରେ କାମ କରୁଥିଲେ ମଧ୍ୟ ଏଥିପ୍ରତି ଅଣଦେଖା କରାଯାଉଛି। କାର୍ଯ୍ୟ କରୁଥିବା ଶ୍ରମିକମାନେ ପଞ୍ଜୀକୃତ ଅବା ଅଣପଞ୍ଜୀକୃତ ସେନେଇ ଠିକ ତଥ୍ୟ ମିଳିପାରିନାହିଁ। ଏସମ୍ପର୍କରେ ଗ୍ରାମ୍ୟ ଜଳ ଯୋଗାଣ ପରିମଳ ବିଭାଗ ଯନ୍ତ୍ରୀ ରଶ୍ମି ରଞ୍ଜନ ଦାସଙ୍କୁ ପଚାରିବାରେ କାର୍ଯ୍ୟ ହେଉଥିବା ସ୍ଥାନରେ ମେଶିନ ଖରାପ ଥିଲା। ଟେଷ୍ଟିଂ ପାଇଁ ଅଳ୍ପ ସମୟ କାର୍ଯ୍ୟ କରାଯାଇ ବନ୍ଦ ରଖାଯାଇଥିଲା ବୋଲି କହିଛନ୍ତି। ଏବିଷୟରେ ଜିଲା ସହକାରୀ ଶ୍ରମ ଅଧିକରୀ ବାବା ଆନନ୍ଦ ରଞ୍ଜନ ଦାସଙ୍କୁ ପଚାରିବାରେ ଦିନ ୧୧ ଟା ମଧ୍ୟରେ କାର୍ଯ୍ୟ ଶେଷ କରିବା କଥା। ଏହାର ଉଲ୍ଲଂଘନ କରାଯାଉଥିଲେ ସେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି।



ଶ୍ରମିକମାନେ ଖରାରେ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ କରୁଛନ୍ତି।

## ସଂକ୍ଷେପରେ

### କୁକୁର କାମୁଡ଼ାରେ ୧୩ ଆହତ

ବୁଗୁଡ଼ା,୫ା୬(ଡି.ଏନ.ଏ.):ବୁଗୁଡ଼ା ଅଞ୍ଚଳର ବିଭିନ୍ନ ସ୍ଥାନରେ ପାଗଳ କୁକୁର କାମୁଡ଼ାରେ ଆହତ ହୋଇଥିବା ୧୩ ଜଣଙ୍କୁ ସୋମବାର ବୁଗୁଡା ମେଡିକାଲରେ ଭର୍ତ୍ତି କରାଯାଇଛି। ଆହତମାନଙ୍କ ମଧ୍ୟରେ ଝୋଲରୀ ଗାଁର ରାକେଶ ନାୟକ, ଟିକରପଡାର ପ୍ରମୋଦ ବିଷୋୟୀ, ଖୋଲଖାଲିର ପ୍ରଭାକର ସ୍ୱାଇଁ, ବୁଗୁଡାର କାମରାଜୁ ବେହେରା, କମା ନାଇକ, ଲିଲି ବେହେରା, ସନ୍ନ୍ୟାସୀ ବେହେରା, ସନ୍ଧ୍ୟାରାଣୀ ସାହୁ, ଲକ୍ଷ୍ମୀ ପାତ୍ର, ଧୀରଜ ମହାରଣା, ଅଶୋକ ପ୍ରଧାନ, କରଚୁଲି ଗ୍ରାମର ଦୁଃଖୀଶ୍ୟାମ ରହିଛନ୍ତି। ତେବେ ପାଗଳା କୁକୁର ପାଇଁ ଚାରିଆଡେ ଆତଙ୍କ ଖେଳିଯାଇଥିବା ବେଳେ ତାକୁ କାବୁ କରିବା ପାଇଁ ଲୋକଙ୍କ ଉଦ୍ୟମ ଜାରି ରହିଥିବା ଜଣାଯାଇଛି।

### ଆକ୍ରମଣକାରୀ ନାବାଳକଙ୍କୁ ଜେଜେବି ପଠାଗଲା

ବୁଗୁଡ଼ା,୫ା୬(ଡି.ଏନ.ଏ.):ବୁଗୁଡ଼ା ଥାନା ଅନ୍ତର୍ଗତ ପୁରୁଣା ପାଣିକେଶ୍ୱର ଗ୍ରାମର ଜଣେ ଆକ୍ରମଣକାରୀ ନାବାଳକଙ୍କୁ ସୋମବାର ପୋଲିସ ଜେଜେବିରେ ହାଜର କରିଛି। ରବିବାର ରାତିରେ ପାଣିକେଶର ଗାଁର ପ୍ରସନ୍ନ ନାଇକ(୭୦)ଙ୍କୁ ନିଶାସକ୍ତ ନାବାଳକ ଜଣକ ଏକ ବାଉଁଶ ଠେଙ୍ଗାରେ ଆକ୍ରମଣ କରି ଲହୁଲୁହାଣ କରିପକାଇଥିଲା। ଘଟଣା ସ୍ଥଳରୁ ବୃଦ୍ଧଙ୍କୁ ଉଦ୍ଧାର କରାଯାଇ ବୁଗୁଡ଼ା ମେଡିକାଲକୁ ଅଣାଯାଇଥିଲା। ପରେ ତାଙ୍କୁ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ନେଇ ପୋଲିସ ସୂତ୍ରରୁ ଜଣାଯାଇଛି।

### କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ କରାତଳି ଟିମ୍ ବିଜୟୀ

ଛତ୍ରପୁର,୫ା୬(ଡି.ଏନ୍.ଏ.): ଛତ୍ରପୁରରେ କେ. ଚନ୍ଦ୍ରଶେଖର ରେଡ୍ଡୀଙ୍କ ଆନୁକୂଲ୍ୟରେ କେ. ତାରିଣୀଆମ୍ମା ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି ମ୍ୟାଚରେ ଛତ୍ରପୁର ଏନ୍‌ଏସି ଅଧକ୍ଷା ଶର୍ମିଷ୍ଠା ପ୍ରଧାନ ଯୋଗ ଦେଇ ଏହାର ଶୁଭାରମ୍ଭ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ମା' ବ୍ୟାଘ୍ରଦେବୀ ବନାମ କରାତଳି ଟିମ ମଧ୍ୟରେ ୧୨ ଓଭର ଖେଳ ହୋଇଥିଲା। ଏହି ମ୍ୟାଚରେ କରାତଳି ଟିମ ପ୍ରଥମେ ବ୍ୟାଟିଂ କରି ୧୦୩ ରନ କରିଥିଲେ। ଏହାର ଜବାବରେ ମା' ବ୍ୟାଘ୍ରଦେବୀ ଟିମ ୧୦୨ ରନରେ ସମସ୍ତ ଉଇକେଟ ହରାଇଥିଲା। ଫଳରେ କରାତଳି ଟିମ ବିଜୟୀ ହୋଇଥିଲା। ଏହି ଟୁର୍ନାମେଣ୍ଟ ପନ୍ଦର ଦିନ ଧରି ଚାଲିବ ଏବଂ ଦୈନିକ ଦୁଇଟି ମ୍ୟାଚ ଖେଳାଯିବ ବୋଲି ସୂଚନା ଦିଆଯାଇଛି ।

### ୧୭ରେ ୫-ଟି ସଚିବଙ୍କ ଦାରିଙ୍ଗବାଡ଼ି ଗସ୍ତ

ଦାରିଙ୍ଗବାଡ଼ି,୫ା୬(ଡି.ଏନ୍.ଏ): ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳକୁ ଆସନ୍ତା ୧୭ ତାରିଖରେ ୫-ଟି ସଚିବ ଭି.କେ. ପାଣ୍ଡିଆନ୍‌ଙ୍କ ଦାରିଙ୍ଗବାଡି ଗସ୍ତ କାର୍ଯ୍ୟକ୍ରମ ରହିଛି। ସେ ପ୍ରଥମେ ହେଲିକପ୍ଟର ଯୋଗେ ଫୁଲବାଣୀ ଆସିବେ। ସେଠାରେ ରାତ୍ରିଯାପନ କରି ପରଦିନ ଦାରିଙ୍ଗବାଡି ଗସ୍ତ କରିବେ। ସେଠାରେ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିବା ସହ ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ସ୍ଥାନୀୟ ପ୍ରଶାସନ ଓ ଲୋକପ୍ରତିନିଧିମାନଙ୍କ ସହ ସମୀକ୍ଷା କରିବେ । ଜି.ଉଦୟଗିରି ନିର୍ବାଚନମଣ୍ଡଳୀର ଅନ୍ୟ ବ୍ଲକଗୁଡିକ ମଧ ବୁଲିବା କାର୍ଯ୍ୟକ୍ରମ ରହିଥିବା ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ କହିଛନ୍ତି।

# ଜିଲାପାଳଙ୍କୁ ଫେରାଦ୍ ହେଲେ ଜମି ଦଖଲକାରୀ

## ହାଇକୋର୍ଟଙ୍କ ସ୍ଥିତାବସ୍ଥା ଜମିରେ ନାଲି ପତାକା

ନୟାଗଡ଼ ଅଫିସ,୫ା୬

ନୟାଗଡ଼ ଜିଲା ନୂଆଗାଁ ତହସିଲ ସାନହମରା ମୌଜାରେ ହାଇକୋର୍ଟଙ୍କ ସ୍ଥିତାବସ୍ଥା ରହିଥିବା ଏକ ଜମି ଉପରେ ନୂଆଗାଁ ତହସିଲ ଓ ବନ ବିଭାଗ ପକ୍ଷରୁ ନାଲି ପତାକା ମରାଯାଇଛି। ନାଲି ପତାକା ମରାଯିବା ପରେ ଜମି ଦଖଲରେ ଥିବା କଣ୍ଟାବଣିଆ ଗାଁର ରାଘବ ନାୟକ ଅସନ୍ତୋଷ ବ୍ୟକ୍ତ କରି ଜିଲାପାଳଙ୍କୁ ଫେରାଦ୍ ହୋଇ ହାଇକୋର୍ଟଙ୍କ ନିର୍ଦ୍ଦେଶ ସହ ଅନ୍ୟ କାଗଜାତ ଦାଖଲ କରିଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅନୁଧ୍ୟାନ କରିବା ପରେ ଜିଲାପାଳ ଏ ନେଇ ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ତହସିଲଦାରଙ୍କ ପାଖକୁ ପଠାଇଛନ୍ତି। ଅଭିଯୋଗ ଅନୁସାରେ, କଣ୍ଟାବଣିଆ ଗାଁର ରାଘବଙ୍କ ପରିବାର ବାପା ଜେଜେବାପା ଅମଳରୁ ସାନହମରା ମୌଜାରେ ଖାତା ନଂ. ୭୩, ପ୍ଲଟ ନଂ. ୧୬୧ ଓ ୧୫୩ରେ ୧.୪୭ ଏକର ଜମି ୮୦ ବର୍ଷ ହେଲା ଦଖଲ କରି ଆସଛନ୍ତି। ସେଟେଲମେଣ୍ଟ ପୂର୍ବରୁ ଜମିର କିସମ ପତିତ ଥିଲା। ସେଟେଲମେଣ୍ଟ ସମୟରେ ଲାଞ୍ଚ ଟଙ୍କା ଦେଇ ନ ପାରି ଜମି ନାଁରେ ରେକର୍ଡ କରାଇ ପାରି ନ ଥିଲି। ଏଣୁ


ଜମିରେ ନାଲି ପତାକା ମରାଯାଉଛି ।

ଏ ବାବଦରେ ଉପଜିଲାପାଳଙ୍କ କୋର୍ଟରେ ଏକ ମାମଲା କରିବା ପରେ ମୋ ନାଁରେ ରେକର୍ଡ କରିବାକୁ ଉପଜିଲାପାଳ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ତହସିଲଦାର ରାଘବଙ୍କ ନାଁରେ ରେକର୍ଡ ନକରି ହାଲ ସେଟେଲମେଣ୍ଟରେ ପତିତ କିସମ ପରିବର୍ତ୍ତନ କରି ମେଲା ଜଙ୍ଗଲ କିସମରେ ବଦଳାଇ ଦେଲେ। ପରବର୍ତ୍ତୀ ପର୍ଯ୍ୟାୟରେ ୨୦୨୧ରେ ସାନହାମରା ଗ୍ରାମବାସୀଙ୍କ ଅଭିଯୋଗକୁ ଭିତ୍ତିକରି ନୂଆଗାଁ ତହସିଲଦାର ଓ ଖେଡପଡା ଫରେଷ୍ଟର ଜମିକୁ ମାପଚୁପ କରି ନାଲି ପତାକା ପୋତି ଦେଲେ। ଏ ନେଇ ରାଘବ ହାଇକୋର୍ଟ ଯିବା ପରେ ସ୍ଥିତାବସ୍ଥା ଜାରି ରହିଛି। ହାଇକୋର୍ଟରେ କେଶ ସ୍ଥଗିତାଦେଶ ଥିବାବେଳେ ପୁଣି ନୂଆଗାଁ ତହସିଲଦାର ଓ ଖେଡ଼ପଡ଼ା ଫରେଷ୍ଟର ଜମିକୁ ମାପଚୁପ କରି ନାଲି ପତାକା ପୋତି ସାନହାମରା ଗାଁଲୋକଙ୍କୁ ଜମି ଜଗାଇଛନ୍ତି। ଜମିକୁ ମୁଁ ଗଲାବେଳେ ସେମାନେ ସାମୂହିକ ଭାବେ ଜୀବନରେ ମାରିଦେବାକୁ ଧମକ ଦେଉଛନ୍ତି। ଏଣୁ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାକୁ ରାଘବ ନିବେଦନ କରି ଜିଲାପାଳଙ୍କୁ ଅବଗତ କରାଇଛନ୍ତି। ଅନ୍ୟପକ୍ଷେ ଘଟଣା ସମ୍ପର୍କରେ ନୟାଗଡ଼ ସଦର ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ନୂଆଗାଁ ତହସିଲଦାର ହେମନ୍ତ କୁମାର ନାୟକ ଓ ମହିପୁର ଆରଆଇ ଅଶୋକ ପଢ଼ିଆରୀ କୁହନ୍ତି, ହାଇକୋର୍ଟରେ ସ୍ଥିତାବସ୍ଥା ରହିଥିବା ଅବଗତ ନ ଥିଲେ। ଯଦି ସେପରି ନିର୍ଦ୍ଦେଶ ରହିଛି ଜିଲାପାଳଙ୍କ ନିର୍ଦ୍ଦେଶ ପାଇବା ପରେ ନାଲି ପତାକା ହଟାଇ ଦେବୁ ବୋଲି ସେ କହିଛନ୍ତି। ଖେଡ଼ପଡ଼ା ଫରେଷ୍ଟର କୁହନ୍ତି, ନାଲି ପତାକା ମରାଯାଇଥିବା ଜମିରେ ହାଇକୋର୍ଟଙ୍କ ସ୍ଥିତାବସ୍ଥା ରହିଥିବା ଜାଣି ନ ଥିଲୁ। ଜାଣି ଥିଲେ ନାଲି ପତାକା ଲଗାଇ ନ ଥାନ୍ତୁ। ଜଣେ ଲୋକ ୮୦ ବର୍ଷ ହେଲା ଦଖଲରେ ଅଛି ମାନେ କୋର୍ଟଙ୍କ ନିର୍ଦ୍ଦେଶ ଯାହା ଅଛି ତାହା କାର୍ଯ୍ୟକାରୀ ହେବ ବୋଲି ସେ କହିଛନ୍ତି।

# ଜଙ୍ଗଲ ଦେବୀଙ୍କୁ ପୂଜା କରି ଶିଆଳି ମଞ୍ଜି ରୋପିଲେ


ଶିଆଳି ଉତ୍ସବରେ ଆଦିବାସୀମାନେ ।

## ଆଦିବାସୀ ଶିଆଳି ଉତ୍ସବ ପାଳନ କଲେ

ନୟାଗଡ଼ ଅଫିସ,୫ା୬

ନୟାଗଡ଼ ଜିଲା ରଣପୁର ବ୍ଲକର ଡେଙ୍ଗାଝରୀ ଗାଁର ଆଦିବାସୀମାନେ ଶିଆଳି ଉତ୍ସବ ପାଳନ କରି ଜଙ୍ଗଲ ଦେବୀଙ୍କୁ ପୂଜା କରି ଜଙ୍ଗଲରେ ଶିଆଳି ମଞ୍ଜି ରୋପଣ କରିଛନ୍ତି। ମାଘ ମାସରେ ଆଦିବାସୀ ମହିଳାପୁରୁଷ ଜଙ୍ଗଲରୁ ଶିଅଳି ମଞ୍ଜି ସଂଗ୍ରହ କରିଥାନ୍ତି। ଏହି ମଞ୍ଜିକୁ ଗୋବର ଓ ହୁଙ୍କାମାଟିର ପ୍ରଲେପ ଦେଇ ସାଇତି ରଖନ୍ତି। ଦେବସ୍ନାନ ପୂର୍ଣ୍ଣିମା ଓ ତା' ପରିଦନ ଆଦିବାସୀମାନେ ସ୍ଥାନୀୟ ପାହାଡ଼ର ଜଙ୍ଗଲ ଦେବୀଙ୍କ ପାଖକୁ ଯାଇଥାନ୍ତି। ସେଠାରେ ଶିଆଳି ଉତ୍ସବ ପାଳନ କରି ବାଜା ବଜାଇ ସଂକୀର୍ତ୍ତନ କରି ଉତ୍ସବ ପାଳନ କରନ୍ତି। ପରେ ସଂରକ୍ଷିତ ମଞ୍ଜିକୁ ଜଙ୍ଗଲର ବିଭିନ୍ନ ସ୍ଥାନରେ ପୋତି ଦିଅନ୍ତି। ବର୍ଷାଦିନେ ଶିଆଳି ଗଛ ଉଠି ଜଙ୍ଗଲରେ ଶିଆଳି ବଣ ହୋଇଥାଏ। ୧୯୮୦ ମସିହାରୁ ଗାଁରେ ଏପରି ଉତ୍ସବ ପାଳନ ହୋଇଆସୁଛି। ସହରୀ ସଭ୍ୟତା ଯୋଗୁ ଜଙ୍ଗଲ ହ୍ରାସ ପାଇଲା। ଧୀରେ ଧୀରେ ଶିଆଳି ଜଙ୍ଗଲ ଲୋପ ପାଇଲା। ଏଣୁ ନିଜର ରୋଜଗାରକୁ ଆଖି ଆଗରେ ରଖି ଏପରି ଉତ୍ସବ ପ୍ରତିବର୍ଷ ପାଳନ ହୋଇଆସୁଛି। ଡେଙ୍ଗାଝରୀରେ ୮୦ ପରିବାରର ୩୨୦ରୁ ଊର୍ଦ୍ଧ୍ୱ ଆଦିବାସୀ ରହୁନ୍ତି। ଏହି ପର୍ବ ଏବେ ଧୀରେ ଧୀରେ ଲୋକପ୍ରିୟ ହୋଇଚାଲିଛି। ଚଳିତବର୍ଷ ୫୦୦ ମଞ୍ଜି ରୋପଣ ହୋଇଥିବା ଶଶି ପ୍ରଧାନ ସୂଚନା ଦେଇଛନ୍ତି।

# ଖଣ୍ଡପଡ଼ାରେ ଲୋ ଭୋଲ୍‌ଟେଜ, ବିଦ୍ୟୁତ୍ କାଟ ସମସ୍ୟା

## ପାଣି ମଟର ପୋଡ଼ିଗଲା, ପାନୀୟ ଜଳପାଇଁ ଲୋକେ ହନ୍ତସନ୍ତ

ଖଣ୍ଡପଡ଼ା,୫ା୬(ସ୍ୱ.ପ୍ର)

ଖଣ୍ଡପଡ଼ା ଅଞ୍ଚଳରେ କିଛି ମାସ ହେବ କ୍ରମାଗତ ଭାବେ ବିଦ୍ୟୁତ୍ କାଟ ସାଙ୍ଗକୁ ଲୋଭୋଲ୍‌ଟେଜ ସମସ୍ୟା ଲାଗି ରହିଛି। ପ୍ରବଳ ଗରମ ଅନୁଭୂତ ହେଉଥିବା ବେଳେ ଘୋଷିତ ଏବଂ ଅଘୋଷିତ ବିଦ୍ୟୁତ୍ କାଟ ସାଙ୍ଗକୁ ଲୋଭୋଲ୍‌ଟେଜ ସମସ୍ୟା ଲାଗି ରହିଥିବାରୁ ଉପଭୋକ୍ତାମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ୧୫ ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ କଣ୍ଟିଲୋ ଅଞ୍ଚଳକୁ ପାନୀୟ ଜଳ ଯୋଗାଣ ପ୍ରକଳ୍ପରେ ଲାଗିଥିବା ମଟରଗୁଡ଼ିକ ପୋଡ଼ି ଯାଇଥିବାରୁ ଜଳ ଯୋଗାଣ ହେଉ ନ ଥିବାରୁ ଲୋକେ ଏବେ ଗରମରେ ହନ୍ତସନ୍ତ ହେଉଛନ୍ତି। ଅପରପକ୍ଷରେ ଏହି ସମୟରେ ଛାତ୍ରୀଛାତ୍ରମାନେ ପାଠ ପଢ଼ିବାରେ ସମସ୍ୟା ଉପୁଜୁଥିବା ଅଭିଯୋଗ ହେଉଛି। ଏ ଦିଗରେ ଟିପିସିଓଡିଏଲ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଅନ୍ୟଥା ଆଗାମୀଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଅଞ୍ଚଳବାସୀଙ୍କ ପକ୍ଷରୁ ସୂଚନା ମିଳୁଛି।

ସୂଚନାଯୋଗ୍ୟ, ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ଅଞ୍ଚଳବାସୀଙ୍କୁ ପାନୀୟ ଜଳ ଯୋଗାଇବା ଲକ୍ଷ୍ୟରେ ନୀଳମାଧବ ଜୀଉଙ୍କ ମନ୍ଦିର ପଶ୍ଚିମ ପାର୍ଶ୍ୱ ମହାନଦୀ କୂଳରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଏକ ପ୍ରକଳ୍ପ ରହିଛି। ଏହି ପ୍ରକଳ୍ପରେ ୪୦ ଅଶ୍ୱ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ମଟର ୨ଟି ବ୍ୟବହୃତ ହେଉଛି। ଏଥିପାଇଁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବିଦ୍ୟୁତ୍ ଟ୍ରାନ୍ସଫର୍ମର ବ୍ୟବସ୍ଥା କରାଯାଇନାହିଁ। ଘରୋଇ ଉପଭୋକ୍ତାଙ୍କୁ ଯେଉଁ ୬୩ କେଭି ଟ୍ରାନ୍ସଫର୍ମରରୁ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଇଛି, ସେଥିରୁ ଜଳଯୋଗାଣ ପ୍ରକଳ୍ପକୁ ମଧ୍ୟ ସଂଯୋଗ ଦିଆଯାଇଛି। ଅନେକ ଘରୋଇ ଉପଭୋକ୍ତା ଘରଗୁଡ଼ିକରେ ଏସି ବ୍ୟବହାର କରୁଥିବା ବେଳେ ଲୋଭୋଲଟେଜ ସମସ୍ୟା ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ୍ ମଟର ଉପରେ ପ୍ରଭାବ ପକାଉଛି। ଫଳରେ ଅନେକ ସମୟରେ ପ୍ରକଳ୍ପର ମଟର ପୋଡ଼ି ଯାଇ ସମସ୍ୟା ସୃଷ୍ଟି କରିବା ସହ ଜଳ ଯୋଗାଣ କ୍ଷେତ୍ରରେ ବାଧକ ସାଜୁଛି। କଣ୍ଟିଲୋ ଅଞ୍ଚଳରେ ଦେଖାଦେଇଥିବା ଲୋ ଭୋଲଟେଜ ସମସ୍ୟାର ସମାଧାନ ପାଇଁ ନୟାଗଡ଼ ଟିପିସିଓଡିଏଲର ନିର୍ବାହୀ ଯନ୍ତ୍ରୀ ସନ୍ତୋଷ କୁମାର ମହାପାତ୍ରଙ୍କୁ ପଚାରିବାରେ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସେ ସୂଚନା ଦେଇଛନ୍ତି। ଅପରପକ୍ଷରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଏବଂ ଟିପିସିଓଡିଏଲ କର୍ତ୍ତୃପକ୍ଷ କଣ୍ଟିଲୋ ଜଳ ଯୋଗାଣ ପ୍ରକଳ୍ପ ପାଇଁ ଏକ ସ୍ୱତନ୍ତ୍ର ଟ୍ରାନ୍ସଫର୍ମର ବ୍ୟବସ୍ଥା କରିବାକୁ ସ୍ଥାନୀୟ ସରପଞ୍ଚଙ୍କ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି।

## ବାହାନଗା ରେଳ ଦୁର୍ଘଟଣା, ପାତ୍ରପୁର ଯୁବତୀ ଗୁରୁତର

ପାତ୍ରପୁର, ୫ା୬(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ବାହାନଗା ନିକଟରେ ଘଟିଥିବା ରେଳ ଦୁର୍ଘଟଣାରେ ୨୭୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ହଜାରରୁ ଊର୍ଦ୍ଧ୍ୱ ଗୁରୁତର ଆହତ ହୋଇଛନ୍ତି। ସେଥିମଧ୍ୟରେ ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ଖରଣିପଡ଼ା ପଞ୍ଚାୟତ ଅନ୍ତର୍ଗତ ଗୋଠଗାଁ ଗ୍ରାମର ସୀମାଞ୍ଚଳ ସେଠୀଙ୍କ ଝିଅ ପଲ୍ଲବୀ(୨୦) ଗୁରୁତର ହୋଇଛନ୍ତି। ଦୁର୍ଘଟଣାର ୪ଘଣ୍ଟା ପରେ ତାଙ୍କୁ ଉଦ୍ଧାର କରାଯାଇଛି। ଅଳ୍ପକେ ସେ ବଞ୍ଚିଥିଲେ କିନ୍ତୁ ତାଙ୍କର ସମସ୍ତ ସାର୍ଟିଫିକେଟ ହଜିଯାଇଛି। ପ୍ରଥମେ ତାଙ୍କୁ ବାଲେଶ୍ୱର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶନିବାର କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଗତମାସରେ ପଲ୍ଲବୀ ଏକ ଘରୋଇ ବ୍ୟାଙ୍କରେ ନୂଆକରି ଚାକିରି ପାଇଥିବା ବେଳେ ଦୁଇଦିନିଆ ଟ୍ରେନିଂ ଲାଗି ସେ ଦଶଦିନ ପୂର୍ବେ କୋଲ୍‌କାତା ଯାଇଥିଲେ। ଶୁକ୍ରବାର ସେ ଟ୍ରେନିଂ ସାରି ଓଡ଼ିଶା ଫେରୁଥିବା ବେଳେ ଏହି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଦୁର୍ଘଟଣା ଖବର ପାଇ ହାଇଦ୍ରାବାଦରେ ଥିବା ଭାଇ ଶିବା ଏବଂ ବାପା ସୀମାଞ୍ଚଳ ମଧ କଟକ ବଡ଼ ଡାକ୍ତରଖାନାରେ ପହଞ୍ଚିଛନ୍ତି।

# ମହିପୁର ବନାଞ୍ଚଳରେ ବିଶ୍ୱ ପରିବେଶ ଦିବସ



ପିଲାମାନେ ପରିବେଶ ଦିବସରେ ପ୍ରତିଯୋଗିତାରେ ଭାଗ ନେଉଛନ୍ତି ।

ନୂଆଗାଁ ୫ା୬ (ଡି.ଏନ.ଏ)

ନୟାଗଡ଼ ବନଖଣ୍ଡ ମହିପୁର ବନାଞ୍ଚଳ ପକ୍ଷରୁ ସୋମବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ମହିପୁର ଅଞ୍ଚଳରେ ବନ ବିଭାଗ ଓ ପରିବେଶ ପ୍ରେମୀମାନଙ୍କୁ ନେଇ ଶୋଭାଯାତ୍ରା କରାଯାଇଥିଲା। ସେଥିରେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ପ୍ରକାର ସ୍ଲୋଗାନ ଦିଆଯାଇଥିଲା। ଏହି ଅବସରରେ ମହିପୁର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ଥାନୀୟ ପରିବେଶ ପ୍ରେମୀମାନଙ୍କୁ ନେଇ ସଚେତନତା ମୂଳକ ସଭା ଆୟୋଜନ କରାଯାଇଥିଲା। ଏଥିରେ ଉପସ୍ଥିତ ଥିବା ପରିବେଶ ପ୍ରେମୀମାନେ ପରିବେଶ ସମ୍ବନ୍ଧରେ ନିଜ ନିଜର ମତ ରଖିଥିଲେ। ସେମାନେ ପରିବେଶର ସୁରକ୍ଷା ପାଇଁ କାର୍ଯ୍ୟ କରିବେ ବୋଲି ସଂକଳ୍ପ ମଧ କରିଥିଲେ। ପରିବେଶ ସୁରକ୍ଷା ପ୍ରତି ଛାତ୍ରୀଛାତ୍ରମାନଙ୍କ ମନରେ ଆଗ୍ରହ ସୃଷ୍ଟି କରିବାକୁ ମହିପୁର ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ପରିବେଶ ସମ୍ବନ୍ଧୀୟ ସାଧାରଣଜ୍ଞାନ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ଭାଗ ନେଇଥିବା ପ୍ରତିଯୋଗୀମାନଙ୍କୁ ମହିପୁର ବନାଞ୍ଚଳ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ମହିପୁର ରେଞ୍ଜର ଅମ୍ରିତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବିଶ୍ୱ ପରିବେଶ ଦିବସ ପାଳନ କାର୍ଯ୍ୟକ୍ରମରେ ମହିପୁର ବନପାଳ ସୂର୍ଯ୍ୟକାନ୍ତ ମହାରଣାଙ୍କ ସମେତ ମହିପୁର ବନାଞ୍ଚଳର କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ମୋ' ଘର ଯୋଜନା ସମ୍ପର୍କିତ କର୍ମଶାଳା

ବେଗୁନିଆପଡ଼ା,୫ା୬

ବେଗୁନିଆପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ମୋ ଘର ଯୋଜନା ସଂପର୍କରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ଜିପିଟିଏ, ଓଏଲଏମ୍ କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ଯୋଜନା ମୋ ଘର ଆରମ୍ଭ ହୋଇଛି। ଏଣିକି ରାଜ୍ୟ ସରକାର ନିମ୍ନ ଓ ନିମ୍ନ ମଧ୍ୟବିତ ପରିବାରକୁ ଘର ନିର୍ମାଣ ପାଇଁ ଋଣ ଯୋଗାଇଦେବେ। ପରିବାର ପିଛା ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦେବାକୁ ମଞ୍ଜୁରୀ ମିଳିଛି। ଏହାକୁ କାର୍ଯ୍ୟକାରୀ କରିବା ପାଇଁ କର୍ମଶାଳା ହୋଇଥିବା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୂଚନା ଦେଇଛନ୍ତି।



କର୍ମଶାଳାରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ ।

## ଡିଭାଇଡର ଉପରେ ଚଢିଗଲା ଟ୍ରକ୍

ହିଞ୍ଜିଳିକାଟୁ, ୫ା୬(ଡି.ଏନ.ଏ.): ହିଞ୍ଜିଳି ଥାନା ସୋମପୁର ଛକ ନିକଟରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଭାରସାମ୍ୟ ହରାଇ ଏକ ଟ୍ରକ ରାସ୍ତା ମଧ୍ୟସ୍ଥ ଡିଭାଇଡର ଉପରେ ଚଢିଯାଇଛି। ଦୁର୍ଘଟଣାରେ ଟ୍ରକ ଚାଳକ ଆହତ ହୋଇଥିବା ବେଳେ ଟ୍ରକର ସମ୍ମୁଖ ଭାଗ ନଷ୍ଟ ହୋଇଛି। ଟ୍ରକଟି ସୋମବାର ସନ୍ଧ୍ୟାରେ ହିଞ୍ଜିଳିକାଟୁଠାରୁ ବ୍ରହ୍ମପୁର ଅଭିମୁଖେ ଯାଉଥିଲା।

# ତାମ୍ପରାରେ ବିଶ୍ୱ ପରିବେଶ ଦିବସ

ଛତ୍ରପୁର,୫ା୬(ଡି.ଏନ୍.ଏ.)

ଛତ୍ରପୁର ନିକଟସ୍ଥ ତାମ୍ପରା ଆଦ୍ରଭୂମି ଠାରେ ବ୍ରହ୍ମପୁର ବନଖଣ୍ଡ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସନି ଖୋଖରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ପ୍ରଶାନ୍ତ କୁମାର ମିଶ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜୁଲୋଜିକାଲ ସର୍ଭେ ଅଫ ଇଣ୍ଡିଆର ଗୋପାଳପୁର ଶାଖା ମୁଖ୍ୟ ତଥା ଗବେଷକ ଅନିଲ ମହାପାତ୍ର, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରିବେଶ ବିଭାଗର ଅଧ୍ୟାପକ ଅଞ୍ଜନ ପୃଷ୍ଟି, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ରବିନ୍ଦ୍ରନାଥ ସାହୁ, ଏସିଏଫ ଡ. ରୁଦ୍ର ରଥ ମଞ୍ଚାସୀନ ଥିଲେ। ଚଳିତବର୍ଷ ସାରା ଦେଶରେ ଥିବା ବିଭିନ୍ନ ଆଦ୍ରଭୂମିଗୁଡିକରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଏହି ଦିବସକୁ ପାଳନ କରାଯାଉଥିବା ବେଳେ ବ୍ରହ୍ମପୁର ବନଖଣ୍ଡ ପକ୍ଷରୁ ତାମ୍ପରା ଠାରେ ଏହାକୁ ପାଳନ କରାଯାଇଛି। ପରିବେଶକୁ ସୁରକ୍ଷିତ



ଅତିଥି ଓ ଅନ୍ୟମାନଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ ।

ରଖିବା ଏବଂ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ପ୍ରାଚୀନ ପଦ୍ଧତିକୁ ଅନୁସରଣ କରିବା ପୂର୍ବକ ସମସ୍ତେ ପୁଣି ମାଟି ପାତ୍ରକୁ ଗୁରୁତ୍ୱ ଦେବାକୁ ମୁଖ୍ୟ ଅତିଥି ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ପ୍ଲାଷ୍ଟିକ ପରିବେଶ ଏବଂ ଆମ ମାନଙ୍କ ଉପରେ କେତେ ପ୍ରଭାବ ପକାଇ ଥାଏ ସେ ନେଇ ଅନ୍ୟ ଅତିଥି ମାନେ ସଚେତନ କରିଥିଲେ। ଏହି ଅବସରରେ ପୂର୍ବରୁ ଛାତ୍ରୀଛାତ୍ରମାନଙ୍କୁ ନେଇ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଚିତ୍ରାଙ୍କନରେ ଡିଏଭି ସ୍କୁଲର ଶ୍ରଦ୍ଧା ସାଇ ନନ୍ଦ, କେ ଶୁଭମ କଳିଙ୍ଗ ବିଦ୍ୟା ମନ୍ଦିରର ଦେବହୁତି ମହାନ୍ତି, ସ୍ଲୋଗାନରେ ଏସଏସଭିଏମର ଅନିଶ କୁମାର ବେହେରା, ସିଟି ହାଇସ୍କୁଲର ହିମାଂଶୁ ପାଣିଗ୍ରାହୀ, କପିଳ ବେହେରା ପୁରସ୍କୃତ ହୋଇଛନ୍ତି। ଗଞ୍ଜାମ ଜିଲା ଇକୋ କ୍ଲବ ସଂଯୋଜକ ଡ. ଶଙ୍କର ନାରାୟଣ ବେଜ ମଞ୍ଚ ପରିଚାଳନା କରିଥିବା ବେଳେ ଏସିଏଫ ଡ ରୁଦ୍ର ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଏସିଏଫ ଏ ମାଧବୀ ଲତା, ଅବସରପ୍ରାପ୍ତ ଏସିଏଫ ତ୍ରିନାଥ ପଟ୍ଟନାୟକ,ବ୍ରହ୍ମପୁର ବନାଞ୍ଚଳ ଅଧିକାରୀ ମନୋଜ ପାତ୍ର, ଦିଗପହଣ୍ଡି ବନାଞ୍ଚଳ ଅଧିକାରୀ କାହ୍ନୁଚରଣ ପଟ୍ଟନାୟକ, ଖଲ୍ଲିକୋଟ ବନାଞ୍ଚଳ ଅଧିକାରୀ ସିଦ୍ଧାର୍ଥଶଙ୍କର ସାହୁଙ୍କ ସମେତ ସମସ୍ତ ବନପାଳ, ବନରକ୍ଷୀ ଓ ପାରା ବନ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରୟାଲ ଚ୍ୟାଲେଞ୍ଜର ଟିମ୍ ଚାମ୍ପିୟନ

## ରାମଚନ୍ଦ୍ରପୁର ପ୍ରିମିୟର ଲିଗ୍

ଖଲ୍ଲିକୋଟ,୫ା୬(ଡି.ଏନ.ଏ.)

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ କେଶପୁର କଲେଜ ପଡ଼ିଆରେ ମା' ପୋଲକାଶୁଣି କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ରାମଚନ୍ଦ୍ରପୁର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲରେ ରୟାଲ ଚ୍ୟାଲେଞ୍ଜର ବେଙ୍ଗାଲୁରୁ (ଆରସିବ) ଟିମ୍ ଚାମ୍ପିୟନ ହୋଇଛି। ଶ୍ରୀକୃଷ୍ଣଶରଣପୁର ସମିତିସଭ୍ୟ ତଥା ପୋଲକାଶୁଣି କ୍ରିକେଟ କ୍ଲବ ସଭ୍ୟ ରାଜୁ ତରେଇ, ଅନୀଲ ତରେଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨୨ ଦିନ ଧରି ଏହି ଟୁର୍ନାମେଣ୍ଟ ଚାଲିଥିଲା। ଏଥିରେ ୮ଟି ଟିମ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ଟିମ୍‌ର ଜଣେ ମାଲିକ ଥିଲେ। ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ୧୨୦ ଖେଳାଳି ଏଥିରେ ଭାଗ ନେଇଥିଲେ। ସମାଜିକ କର୍ମୀ ଶେଖର ତରେଇ ଆରସିବି ଟିମର ମାଲିକ ଥିଲେ। ଫାଇନାଲରେ ବ୍ରହ୍ମପୁରର ବିଶିଷ୍ଟ ବ୍ୟବସାୟୀ ତଥା ସାମାଜିକ କର୍ମୀ ଏ. ସନ୍ତୋଷ କୁମାର ପାତ୍ର(ଆନା) ଅତିଥି ଭାବେ ଆସି ଖେଳାଳି ଓ ଏପରି ଟୁର୍ନାମେଣ୍ଟ ଆୟୋଜନଙ୍କୁ ପ୍ରଶଂସା କରିଥିଲେ। ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥି ରୂପେ ଆସିକା ଏମ୍‌ପି ପ୍ରମିଳା ବିଶୋଇ, ସମ୍ମାନିତ ଅତିଥି ରୂପେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣୀ ବୈଦ୍ୟ, ଅନ୍ୟତମ ଅତିଥି ରୂପେ ଖଲ୍ଲିକୋଟ ବ୍ଲକ ଅଧକ୍ଷ ଦୈତାରୀ ବେହେରା, ଉପାଧକ୍ଷା ଭାରତୀ ମହାରଣା, ଶ୍ରୀକୃଷ୍ଣ ଶରଣପୁର ସରପଞ୍ଚ ରୁବିଲତା ସାହୁ, ଦୟାନିଧି ସାହୁ, ରତ୍ନାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଚାମ୍ପିୟନ ଟିମ୍‌କୁ ୭୦ ହଜାର ଟଙ୍କା ଓ କପ୍ ଏବଂ ରନର୍ସ ଟିମକୁ ୫୦ ହଜାର ଟଙ୍କା ସହିତ କପ୍ ପ୍ରଦାନ କରିଥିଲେ। ଚାମ୍ପିୟନ ଟିମ୍ କ୍ୟାପଟେନ ମିଥୁନ ତରେଇ ଏବଂ ରନର୍ସ ଟିମ କ୍ୟାପଟନ ଜଗନ୍ନାଥ ବାରିକ କପ ଗ୍ରହଣ କରିଥିଲେ। କାଳୁ ରାମ ମହାରଣା, ଭିକାରୀ ପାଣ୍ଡି, ଚିତ୍ରସେନ ଘୋଷ, ଅରୁଣ କୁମାର ଖୁଣ୍ଟିଆ, ସମୀର ସାହୁ, ସନ୍ତୋଷ କୁମାର ସାହୁ, ବଳରାମ ଦଳେଇ ବିଭିନ୍ନ ଦଳର ମାଲିକ ଥିଲେ।


ଅତିଥିଙ୍କ ସହ ଖେଳାଳିମାନେ ।

## ସଂକ୍ଷେପରେ

### ବିଶ୍ୱ ପରିବେଶ ଦିବସ ପାଳନ

ଡେରାବିଶ,୫ା୬ (ସ୍ୱ.ପ୍ର.): ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅନ୍ତର୍ଗତ ସବଲଙ୍ଗ କଣିପଡ଼ାସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜୟଭାରତୀ ସାଥୀ ସମାଜ ପରିସରରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ଅନୁଷ୍ଠାନର କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ମଲିକ ସଭାପତିତ୍ୱ କରିଥିଲେ। ସାଥୀ ସମାଜର ସମ୍ପାଦକ ପରିବେଶବିତ୍ ନିରଞ୍ଜନ ସାହୁ ପରିବେଶ ସୁରକ୍ଷା ନିମନ୍ତେ ଅନୁଷ୍ଠାନ ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ବା ସହ ମହାବାତ୍ୟା ପରେ ପ୍ରତିଷ୍ଠା କରାଯାଇଥିବା ଶ୍ରୀବଳଦେବଜୀଉ ବନ ପ୍ରକଳ୍ପ, ନିଜ ଗ୍ରାମ ଶ୍ମଶାନ ଓ ଗ୍ରାମଦେବତୀଙ୍କ ବିଜେସ୍ଥଳରେ ବୃକ୍ଷରୋପଣକୁ ପ୍ରାଧାନ୍ୟ ଦେବାକୁ ସଭାରେ ନିଷ୍ପତ୍ତି ନିଆଯାଇଥିଲା। ପରେ ବଳଦେବଜୀଉ ବନ ପ୍ରକଳ୍ପରେ ଅନୁଷ୍ଠାନ ପକ୍ଷରୁ ଫଳ, ଫୁଲ ଓ ତୁଳସୀ ଗଛ ରୋପଣ କରାଯାଇଥିଲା। ଏହାକୁ ଅନୁଷ୍ଠାନର ସଂଯୋଜିକା ମନୋରମା ରାଉତ, ସୌଦାମିନୀ ବିଶ୍ୱାଳ ଏବଂ ଭଜହରି ସେଠୀ ପ୍ରମୁଖ ସହଯୋଗ କରିଥିଲେ।

### ଆଳି ବାର୍ ଆସୋସିଏଶନ ପକ୍ଷରୁ ଶୋକସଭା

ଆଳି,୫ା୬ (ଡି.ଏନ.ଏ.) : ଆଳି ବାର ଆସୋସିଏଶନର ସଭାପତି ଚିରଞ୍ଜିବି ଦାସଙ୍କ ସଭାପତିତ୍ୱରେ ଏକ ଶୋକସଭା ସୋମବାର ପୂର୍ବାହ୍ନରେ ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଜିଲା ବାହାନଗାଠାରେ ମର୍ମନ୍ତୁଦ ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଶତାଧିକ ଯାତ୍ରୀଙ୍କ ଆତ୍ମାର ସଦ୍‌ଗତି କାମନା କରି ନୀରବ ପ୍ରାର୍ଥନା କରାଯିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ ଦୀପ ପ୍ରଜ୍ୱଳନ କରାଯାଇ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଆଳି ବାର ଆସୋସିଏଶନର ସମ୍ପାଦକ ଅକ୍ଷୟ ମଲ୍ଲିକ, ସହସମ୍ପାଦକ ସୂର୍ଯ୍ୟମଣୀ ସାମଲ, ପାଠାଗାର ସମ୍ପାଦକ ସୁଶାନ୍ତ କୁମାର ଦୀକ୍ଷିତ, ଆଇନଜୀବୀ କ୍ଷୀରୋଦ ପରିଡା, ପ୍ରମୋଦ ରାୟ, ଶରତ ଚନ୍ଦ୍ର ମହାନ୍ତି, ନିଗମାନନ୍ଦ ତ୍ରିପାଠୀ, ବୃନ୍ଦାବନ ନନ୍ଦ, ବାସୁଦେବ ସାହୁ, ପ୍ରମୋଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ମଠରେ ରାଧେବାବାଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା

ଡେରାବିଶ,୫ା୬ (ସ୍ୱ.ପ୍ର.): ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଡାବଳ ଗ୍ରାମସ୍ଥିତ କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମାଙ୍କ ମଠ ପରିସରରେ ରାଧେବାବାଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ମଠରେ ସ୍ଥାପିତ ରାଧେବାବାଙ୍କ ପ୍ରତିମୂର୍ତ୍ତିକୁ ତାଙ୍କର ୧୫ ତମ ଶ୍ରାଦ୍ଧ ଦିବସରେ ସ୍ଥାନୀୟ ଅଞ୍ଚଳର ଡା. ନୃସିଂହ ଚରଣ ମହାନ୍ତି ଓ ବିଜେଡିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ ଉନ୍ମୋଚିତ କରିଥିଲେ। ଏହି ସମୟରେ ସରପଞ୍ଚ ମିତାରାଣୀ ମଲିକ, ସମିତିସଭ୍ୟ ପ୍ରଶାନ୍ତ ବେହେରା, ଚାନ୍ଦୋଳ ସମିତିସଭ୍ୟା ମଞ୍ଜୁଲତା ମିଶ୍ର, ୧୪ ନଂ. ଜୋନ ଜିଲା ପରିଷଦ ସଭ୍ୟ ଅରବିନ୍ଦ ମଲିକ, ମ୍ୟାନେଜିଂ ଟ୍ରଷ୍ଟି ସୁଧୀର ରଞ୍ଜନ ମହାନ୍ତି, ସଭ୍ୟ ରଘୁନାଥ ପ୍ରମୁଖ ଉପସ୍ଥିତ ଥିଲେ। ଏହାକୁ ନିତ୍ୟସେବା ସମିତିର ଉପସଭାପତି ଧୀରେନ ମହାନ୍ତି, ସାମ୍ପାଦକ ରଘୁନାଥ ମହାନ୍ତ, କୋଷାଧକ୍ଷ ସ୍ମାରକ ମହାନ୍ତି ପରିଚାଳନା କରିଥିଲେ।

# ଲୁଣା ଜଙ୍ଗଲ ଉପକୂଳ ଓଡ଼ିଶାକୁ ସୁରକ୍ଷା ଯୋଗାଉଛି

ରାଜନଗର, ୫ା୬(ଡି.ଏନ.ଏ.)

ଲୁଣା ଜଙ୍ଗଲ ଭିତରକନିକା ଉପକୂଳ ଓଡ଼ିଶାର ସୁରକ୍ଷା କବଚ ସାଜିଛି। ୧୯୯୯ ମହାବାତ୍ୟା ପରଠାରୁ ଯେତେ ବାତ୍ୟା ଆସିଛି ଅଞ୍ଚଳ ପ୍ରଭାବିତ ହୋଇନାହିଁ। ଲୁଣା ଜଙ୍ଗଲର ବାତ୍ୟା ପ୍ରତିରୋଧ କ୍ଷମତା ଥିବାରୁ ସମୁଦ୍ରର ଉଚ୍ଚା ଜୁଆର ଓ ପବନର ବେଗ ଅଞ୍ଚଳ ପାଇଁ କମ୍ ହୋଇପାରିଛି। ଆମେ ଗଛ ଲଗାଇ ପରିବେଶକୁ ସୁରକ୍ଷିତ ରଖିଲେ, ଆସନ୍ତା ପିଢି ଏହାର ଲାଭ ପାଇବେ ବୋଲି ବିଶ୍ୱ ପରିବେଶ ଦିବସରେ ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ ମତବ୍ୟକ୍ତ କରିଛନ୍ତି। ଏଥିସହ ପ୍ଲାଷ୍ଟିକ ପ୍ରଦୂଷଣ ଯୋଗୁ ଜୈବ ବିବିଧତା ବିଗୁଡୁଛି। ଗାଁ ଗହଳିରେ ରହୁଥିବା ଲୋକମାନେ ପ୍ଲାଷ୍ଟିକ, ପଲିଥିନ ନଦୀ ଓ କ୍ରିକରେ ନ ପକାଇବାକୁ ସେ କହିଥିଲେ। ନଦୀ ଓ ନାଳରେ ପଡୁଥିବା ପଲିଥିନ ଜୁଆର ମାଧ୍ୟମରେ ସମୁଦ୍ରକୁ ଯାଉଛି। ଫଳରେ ଅଲିଭରିଡଲେ କଇଁଛ ଜେଲିଫିସ ଭାବି ପଲିଥିନ ଗିଳିଦେବାରୁ ମରୁଛନ୍ତି। ଏଣେତେଣେ ପଲିଥିନ ନ ପକାଇ ଡଷ୍ଟବିନ୍‌ରେ ପକାଇବା ସହ ପୋଡ଼ିଦେବାକୁ ଡିଏଫ୍‌ଓ ଯାଦବ ନିବେଦନ କରିଥିଲେ। ଏଥିସହ ବନ ମହୋତ୍ସବ ସପ୍ତାହରେ ବିଦ୍ୟାଳୟଗୁଡ଼ିକରେ ବ୍ୟାପକ ବୃକ୍ଷରୋପଣ କରାଯିବ। ରାଜନଗର ବନ ବିଭାଗ ପକ୍ଷରୁ ରାଜନଗର ବ୍ଲକର ଶେଷ ପ୍ରାନ୍ତରେ ଥିବା ଶୈଳେନ୍ଦ୍ରସରାଇଠାରେ ଏହି ବିଶ୍ୱ ପରିବେଶ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନାଗାନାରାୟଣ ହାଇସ୍କୁଲର ଶିକ୍ଷକ ଓମ ପ୍ରକାଶ ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡା ଜିଲାପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ ଯୋଗ ଦେଇଥିଲେ। ସେ ଭିତରକନିକାକୁ ପ୍ଲାଷ୍ଟିକ ମୁକ୍ତ କରିବାକୁ



ରାଜନଗରରେ ବିଶ୍ୱ ପରିବେଶ ଦିବସ ଅବସରରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ବାହାରିଥିବା ସଚେତନତା ସାଇକେଲ ଶୋଭାଯାତ୍ରା।

### ଜିଲାସ୍ତରୀୟ ବିଶ୍ୱ ପରିବେଶ ଦିବସ

ନିବେଦନ କରିବା ସହ ପ୍ରତ୍ୟେକ ଘରୁ ଏହି ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହେବା ଆବଶ୍ୟକ। ଆମେ ପଲିଥିନ ବ୍ୟବହାର କରିବାକୁ କିମ୍ବା ଏଣେତେଣେ ଫିଙ୍ଗିବା ନାହିଁ ବୋଲି ସମସ୍ତେ ସଚେତନ ହେବାକୁ ନିବେଦନ କରିଥିଲେ। ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ ଯୋଗଦେଇ ଭିତରକନିକା ଆମକୁ ପରିଚୟ ଦେଇଛି। ବର୍ଜ୍ୟ ପଲିଥିନକୁ ଏଣେତେଣେ ନ ଫୋପାଡି କମ୍ପୋଷ୍ଟ ପିଟ୍ ଏବଂ କମ୍ପୋଷ୍ଟ ସେଲ୍‌ରେ ପକାଇବାକୁ ଲୋକମାନଙ୍କୁ ସଚେତନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସୂର୍ଯ୍ୟ ନାରାୟଣ ଲେଙ୍କା ଯୋଗଦେଇ ଜଳବାୟୁ ପରିବର୍ତ୍ତନ ଯୋଗୁ ମାଟି, ପାଣି, ପବନ ଏବେ ପ୍ରଦୂଷିତ। ଏବେ ଆଉ ଋତୁଚକ୍ର ଅନୁଭବ କରିହେଉନି। ପଲିଥିନ କେବଳ ମାଟି, ପାଣି, ପବନକୁ ପ୍ରଭାବିତ କରୁନି, ଭିତରକନିକାର ଜୀବ ଜନ୍ତୁ ମଧ୍ୟ ପଲିଥିନ ଯୋଗୁଁ ପ୍ରଭାବିତ ହେଉଛନ୍ତି। ନିକଟରେ ମିଳିଥିବା ମୃତ କୁମ୍ଭୀର ପେଟରୁ ପଲିଥିନ ଓ ପ୍ଲାଷ୍ଟିକ ବାହାରିବା ଏହାର ପ୍ରମାଣ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ବିବେକାନନ୍ଦ ବିଦ୍ୟାପୀଠର ପ୍ରଧାନଶିକ୍ଷକ ବାଦଲ କୁମାର ପରିଡା, ସାମାଜିକ କର୍ମୀ ଉପେନ୍ଦ୍ର ନାଥ ସ୍ୱାଇଁ, ମଦନ ଦେବନାଥ, ଲକ୍ଷ୍ମୀଧର ବାରିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଭିତରକନିକା ଜଙ୍ଗଲରେ ଅତିଥି ଓ ଛାତ୍ର ଛାତ୍ରୀମାନେ ବୃକ୍ଷରୋପଣ କରିଥିଲେ। ଏହି ଅବସରରେ ଡେରାବିଶ ବ୍ଲକର ଶଶୀପ୍ରସାଦ ମହାରଣା, ଗରଦପୁରର ସନ୍ତୋଷ କୁମାର ଜେନା, କେନ୍ଦ୍ରାପଡ଼ାର ଦେବାଶିଷ ସାମଲ, ମହାକାଳପଡ଼ାର ବାପି ଗୋଛାୟତ, ପଟ୍ଟାମୁଣ୍ଡାଇର ଶବଛ କୁମାର ବେହେରା, ରାଜକନିକାର ପ୍ରହ୍ଲାଦ ସାହୁ ଓ ରାଜନଗର ବ୍ଲକର ବସନ୍ତ କୁମାର ମିଶ୍ରଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଥିଲା। କନିକା ରେଞ୍ଜ ଅଫିସର ମାନସ କୁମାର ଦାସ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିବା ସହ ଧନ୍ୟବାଦ ଦେଇଥିଲେ।ଜଫଟୋ ; ଭିତର କନିକାରେ ବୃକ୍ଷରୋପଣ ।

### କୋଇଲିପୁରରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ



ରାଜନଗର, ୫ା୬(ଡି.ଏନ.ଏ.)

ରାଜନଗର ବ୍ଲକ କୋଇଲିପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଦିଲୀପ କୁମାର ରାଉତଙ୍କ ପୌରେହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ତହସିଲଦାର ଭୂୟାଁ ୬ଟି ସ୍କୁଲ ସମେତ ୬୩ଟି ପଟ୍ଟା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ବିଡିଓ ସମୀର କୁମାର ବେହେରା, ଏବିଡିଓ ଶ୍ରୀକାନ୍ତ କୁମାର ମହାନ୍ତି, ସମିତିସଭ୍ୟ ଅଭୟ ଖଣ୍ଡୁଆଳ, ନାଏବ ସରପଞ୍ଚ କବିତା ଜେନା ଓ ସମସ୍ତ ୱାର୍ଡ ମେମ୍ବର, ଅଙ୍ଗନୱାଡି କର୍ମୀ ଏବଂ ଆଶା କର୍ମୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିବେକାନନ୍ଦ ମଲ୍ଲିକ, ଜିଆରଏସ୍ ମନୋରମା ସାମଲ ପ୍ରମୁଖ ପରିଚାଳନା କରିଥିଲେ।

# ବିଭିନ୍ନ ସ୍ଥାନରେ ପରିବେଶ ଦିବସ

କେନ୍ଦ୍ରାପଡ଼ା ଅଫିସ, ୫ା୬

ବିଶ୍ୱ ପରିବେଶ ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଦିବସକୁ ବିଭିନ୍ନ ସଙ୍ଗଠନ ଓ ଅନୁଷ୍ଠାନ ପକ୍ଷରୁ ପାଳନ କରାଯାଇଛି। ଜନ ଶିକ୍ଷଣ ସଂସ୍ଥାନ ଓ ରେସୱା ପକ୍ଷରୁ ଏ ସମ୍ପର୍କରେ ଆଲୋଚନା ଚକ୍ର ଗରାପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଲୋଚକ ଭାବେ ସ୍ୱାଗତିକା ପାତ୍ର, ଆଶିଷ ରଞ୍ଜନ ସାହୁ, ସ୍ମୃତିରଞ୍ଜନ ବିଶ୍ୱାଳ, ସେକ୍ ଲିୟାକତ ହୋସେନ, ମିନତି ମହାରଣା ପ୍ରମୁଖ ଯୋଗ ଦେଇଥିଲେ । ଆଲୋଚକମାନେ ସମ୍ପ୍ରତି ପରିବେଶ ନଷ୍ଟର କାରଣ ଓ ନିରାକରଣ ସମ୍ପର୍କରେ ମତ ରଖିଥିଲେ। ସହରର ତିନିମୁହାଣୀସ୍ଥିତ ଦୀନବନ୍ଧୁ ଆଇନ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ବଳଙ୍କ ଅଧ୍ୟକ୍ଷତାରେ ପରିବେଶ ଦିବସ ପାଳନ ହୋଇଥିଲା। ଏଥିରେ କଲେଜ କର୍ମଚାରୀ ଓ ଶିକ୍ଷାର୍ଥୀ ସାମିଲ ହୋଇଥିଲେ। ସେହିପରି ବଳଦେବ ଉଚ୍ଚ ବିଦ୍ୟାଳୟରେ ଇକୋ କ୍ଲବ ଓ ଜୁନିୟର ରେଡକ୍ରସ ପକ୍ଷରୁ ଏହି ଦିବସ ପାଳନ ହୋଇଥିଲା। ପ୍ରଧାନ ଶିକ୍ଷକ ନୃସିଂହ ଚରଣ ତ୍ରିପାଠୀ, ଶିକ୍ଷକ ତପନ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଏହି ଦିବସ ଉପଲକ୍ଷେ ଏକ ତର୍କ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଶିକ୍ଷାର୍ଥୀମାନେ ଏଥିରେ ଭାଗ ନେଇ ସୁସ୍ଥ ପରିବେଶର ଆବଶ୍ୟକତା ସମ୍ପର୍କରେ ମତ ରଖିଥିଲେ। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ଗରାପୁରଠାରେ ବିଶ୍ୱ ପରିବେଶ ଦିବସ ଅବସରରେ ସଚେତନତା କାର୍ଯ୍ୟକ୍ରମ।

### ୨୦୦ ୟୁନିଟ୍ ବିଦ୍ୟୁତ୍ ବିଲ୍ ରିହାତି ପାଇଁ ଏଏପି ଲଢ଼ିବ

କେନ୍ଦ୍ରାପଡ଼ା ଅଫିସ, ୫ା୬

ଉତ୍ପାଦିତ ବିଦ୍ୟୁତ୍ ବ୍ୟବହାରରେ ଓଡ଼ିଶା ବଳକା ରାଜ୍ୟ। ଏହାସତ୍ତ୍ୱେ ପ୍ରତିବର୍ଷ ଏଠାରେ ବିଦ୍ୟୁତ୍ ଦର ବଢ଼ିଚାଲିଛି। ଫଳରେ ଗରିବ ଲୋକଙ୍କ ନିକଟରେ ନିତ୍ୟ ଆବଶ୍ୟକ ବିଦ୍ୟୁତ୍ ସେବା ଠିକ୍‌ଭାବେ ପହଞ୍ଚି ପାରୁନାହିଁ। ରାଜ୍ୟରେ ଅନ୍ୟୂନ ୨୦୦ ୟୁନିଟ୍ ବିଦ୍ୟୁତ୍ ଦେୟ ସମ୍ପୂର୍ଣ୍ଣ ଛାଡ଼ ପାଇଁ ରାଜ୍ୟ ଏଏପି ଲଢ଼ିବ ବୋଲି କେନ୍ଦ୍ରାପଡ଼ା ଜିଲା କର୍ମକର୍ତ୍ତା କହିଛନ୍ତି। ସହରର ଶାମଗୁଡ଼ିଆସ୍ଥିତ କାର୍ଯ୍ୟାଳୟ ପରିସରରେ ଜିଲା ସଭାପତି ସନ୍ଦୀପ୍ତ ଦାସଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ସୋମବାର ଆୟୋଜିତ ହୋଇଥିଲା। ଏଥିରେ ସଭାପତି ଦାସ କହିଥିଲେ, ରାଜ୍ୟରେ ବିଦ୍ୟୁତ୍ ଏକ ବ୍ୟବସାୟରେ ପରିଣତ ହୋଇଛି। ସେବା ବଦଳରେ ବିତରଣ କମ୍ପାନୀ ନେବାକୁ ଅଧିକ ଗୁରୁତ୍ୱ ଦେଉଛି। ପୁରୁଣା ବିଲ୍ ଅର୍ଥ ହିତାଧିକାରୀଙ୍କଠାରୁ ଜୋରଜବରଦସ୍ତ ଆଦାୟ କରାଯାଉଛି। ଅଧିକ ୟୁନିଟ ପିଛା ଦର ଓ ବାରମ୍ବାର ବିଦ୍ୟୁତ୍ କାଟ ଜନଜୀବନକୁ ବ୍ୟସ୍ତ କରିଛି। ଅପରପକ୍ଷରେ ଏଏପି ପରିଚାଳିତ ଦିଲ୍ଲୀ ଓ ପଞ୍ଜାବରେ ହିତାଧିକାରୀଙ୍କୁ ଯଥାକ୍ରମେ ୨୦୦ ଓ ୩୦୦ ୟୁନିଟ ବିଦ୍ୟୁତ୍ ମାଗଣା ପ୍ରଦାନ କରାଯାଉଛି। ଏହାକୁ ଲକ୍ଷ୍ୟ ରଖି ବିଦ୍ୟୁତ୍ ସେବାରେ ୨୦୦ ୟୁନିଟ୍ ବିଦ୍ୟୁତ୍ ଦେୟ ଛାଡ଼ ପାଇଁ ହୋଇଥିବା ଦସ୍ତଖତ ଅଭିଯାନ ପୂରଣ ହୋଇଛି। ଏହି ଦାବିପତ୍ର ଆସନ୍ତା ୮ ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବ। ଏଥିରେ ସମସ୍ତେ ସାମିଲ ହେବାକୁ ଦାସ ଏହି ସମ୍ମିଳନୀରେ ଆହ୍ୱାନ ଦେଇଛନ୍ତି। ଏଥିରେ ଏଏପି କର୍ମକର୍ତ୍ତା ସୂର୍ଯ୍ୟକାନ୍ତ ପରିଡ଼ା, ଅପୂର୍ବ ରଞ୍ଜନ ସେଠୀ, ଅବ୍‌ଦୁଲ କାହିର ପ୍ରମୁଖ ଯୋଗ ଦେଇଥିଲେ।


ଇଚ୍ଛାପୁରସ୍ଥିତ ଶ୍ରୀବଳଦେବଜୀଉଙ୍କ ମନ୍ଦିରରେ ସୋମବାରଠାରୁ ପଚି ଦିଅାଁଙ୍କୁ ପୂଜା ଆରମ୍ଭ।

### ରେଳ ଦୁର୍ଘଟଣାଗ୍ରସ୍ତଙ୍କ ସାହାଯ୍ୟ ପାଇଁ ପାଣ୍ଠି ସଂଗ୍ରହ


ପାଣ୍ଠି ସଂଗ୍ରହ ପରେ ଏଡିଏମ୍‌ଙ୍କୁ ଚେକ୍ ପ୍ରଦାନ କରାଯାଉଛି।

କେନ୍ଦ୍ରାପଡ଼ା ଅଫିସ, ୫ା୬

ଜୁନ ୨ରେ ବାଲେଶ୍ୱର ଜିଲା ବାହାନଗା ଠାରେ ରେଳ ଦୁର୍ଘଟଣା ହୋଇଥିଲା। ଏହି ଦୁର୍ଘଟଣାରେ ୨୭୫ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧ ହଜାରରୁ ଅଧିକ ଆହତ ହୋଇଛନ୍ତି। ପୀଡିତ ପରିବାରଙ୍କ ସାହାଯ୍ୟ ପରିପ୍ରେକ୍ଷୀରେ ସଂଯୁକ୍ତ କିଷାନ ମୋର୍ଚ୍ଚା, କେନ୍ଦ୍ରାପଡ଼ା ଜିଲା ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସୋମବାର ଗଣ ପାଣ୍ଠି ସଂଗ୍ରହ ହୋଇଛି। ଏହି ଅର୍ଥ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡକୁ ପଠାଯାଇଛି। ଏ ସମ୍ପର୍କରେ ଆବାହକ ଗୟାଧର ଧଳ କହିଛନ୍ତି, ରେଳ ଦୁର୍ଘଟଣା ଏହି ଶତାବ୍ଦୀର ବଡ ଦୁଃଖଦାୟକ ଘଟଣା। ଗୁରୁତରମାନେ ଏବେ ବି ଚିକିତ୍ସିତ ହେଉଛନ୍ତି। ବହୁ ମୃତକଙ୍କୁ ଅଦ୍ୟାବଧି ଚିହ୍ନଟ ହୋଇନାହିଁ। ଏହାକୁ ଦୃଷ୍ଟିରେ ରଖି ଏହି ପାଣ୍ଠି ସଂଗ୍ରହ ହୋଇଛି। ସହରର ପୁରୁଣା ବସଷ୍ଟାଣ୍ଡଠାରୁ ତିନିମୁହାଣୀ ପର୍ଯ୍ୟନ୍ତ ପାଣ୍ଠି ସଂଗ୍ରହରେ ମୋଟ ୪୪,୧୫୦ ଟଙ୍କା ହୋଇଥିଲା। ଏହି ଅର୍ଥ ବାବଦ ଚେକକୁ ରିଲିଫ ଫଣ୍ଡ ଉଦ୍ଦେଶ୍ୟରେ ଏଡିଏମ୍‌ଙ୍କୁ ପ୍ରଦାନ କରାଯାଇଛି। ପାଣ୍ଠି ସଂଗ୍ରହରେ ବହୁ ସାମାଜିକ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷ ସାମିଲ ହୋଇଥିବା ଧଳ କହିଛନ୍ତି।

# ସଂସାରଫଳରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ: ୩୪ ଅଭିଯୋଗ

ପଟ୍ଟାମୁଣ୍ଡାଇ, ୫ା୬(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକର ସଂସାରଫଳ ପଞ୍ଚାୟତରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ବିଡିଓ ଶୁଭ୍ରାଂଶୁ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସାରଫଳ ସରପଞ୍ଚ ଦମୟନ୍ତୀ ସାମନ୍ତରାୟ, ପୂର୍ବତନ ସରପଞ୍ଚ ଅନନ୍ତ ମଲିକ, ସାମାଜିକ କର୍ମୀ ବାବାଜୀ ମହାନ୍ତି, ସୁଶାନ୍ତ ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଆବାସ, ରାଶନକାର୍ଡ ଓ ଭତ୍ତାକୁ ମିଶାଇ ସମୁଦାୟ ୩୪ ଅଭିଯୋଗ ଉପରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ତହସିଲଦାର ଦିଲୀପ ସେଠୀ, ସବ୍‌ଡିଭିଜନ ହସ୍ପିଟାଲ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନିରାକାର ପରିଡ଼ା, ଏବିଡିଓ ସନ୍ତୋଷ କୁମାର ମନ୍ତ୍ରୀ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ।


ଜଣେ ବୃଦ୍ଧ ପ୍ରଶାସନିକ ଅଧିକାରୀଙ୍କୁ ଅଭିଯୋଗ କରୁଛନ୍ତି।

# ପଲ୍ଲୀରେ ପ୍ରଶାସନ: ବାରିମୂଳରେ ୨୨ ଅଭିଯୋଗର ଶୁଣାଣି

ଡେରାବିଶ,୫ା୬(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅନ୍ତର୍ଗତ ବାରିମୂଳ ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଲିକ ଶୁଭାରମ୍ଭ କରିଥିଲେ। ଏଥିରେ ବାରିମୂଳ ସମିତିସଭ୍ୟ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ସରପଞ୍ଚ କଳ୍ପନା ବେହେରା, ନାଏବ ସରପଞ୍ଚ ତପସ୍ୱିନୀ ପ୍ରଧାନ ଉପସ୍ଥିତ ରହିଥିଲେ। ତେବେ ଏହି କାର୍ଯ୍ୟକ୍ରମରେ ବିଡିଓ ଦାସରଥି ଜେନା, ତହସିଲଦାର ଅକ୍ଷୟ କୁମାର ପରିଡା, ଏବିଡିଓ ଭଞ୍ଜକିଶୋର ନାୟକ ଉପସ୍ଥିତ ରହି ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମରୁ ଆସିଥିବା ୨୨ଟି ଅଭିଯୋଗର ଶୁଣାଣି କରିଥିଲେ। ଏହି ଅଭିଯୋଗ ମଧ୍ୟରେ ସରକାରଙ୍କର ମୋ ଘର ଯୋଜନାରେ ସାମିଲ ହେବା ପାଇଁ ଅଧିକାଂଶ ଦରଖାସ୍ତ ରହିଥିଲା। ସେହିପରି ବାସଗୃହ ଯୋଜନା ଏବଂ ରାଶନ କାର୍ଡ଼ ତଥା ଭତ୍ତାରୁ ବଞ୍ଚିତ ଥିବା ହିତାଧିକାରୀ ସେମାନଙ୍କ ଅଭିଯୋଗ ପ୍ରଦାନ କରିଥିଲେ। ଏଥିସହ ବାରିମୂଳସ୍ଥିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସଂଖ୍ୟା ଅଧିକ ଥିବାରୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଧୁସୂଦନ ବେହେରା ଓ ପରିଚାଳନା କମିଟିର ସଭାପତି ୨ଟି ନୂତନ ଶ୍ରେଣୀ ଗୃହ ନିର୍ମାଣ ପାଇଁ ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଗ୍ରାମ ଶ୍ମଶାନକୁ ରାସ୍ତା ନିର୍ମାଣ ପାଇଁ ଅଭିଯୋଗ ଆସିଥିଲା। ତେବେ ଏହି ଅଭିଯୋଗ ମଧ୍ୟରୁ ବିଡିଓ ଜେନା କେତେକ ଅଭିଯୋଗର ତତ୍କାଳ ସମାଧାନ କରିଥିବା ବେଳେ ଅନ୍ୟ କେତେଗୋଟି ଅଭିଯୋଗ ଉପସ୍ଥିତ ଥିବା ବିଭାଗୀୟ ସମ୍ପ୍ରସାରଣ ଅଧିକାରୀଙ୍କ ନିକଟକୁ ପଠାଇଥିଲେ। ସେହିପରି କେତେଜଣ ବ୍ୟକ୍ତିଙ୍କୁ ତହସିଲଦାର ପରିଡା ନୂତନ ଜମି ପଟ୍ଟା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ସାବିତ୍ରୀ ମନ୍ତ୍ରୀ, ଗୃହ ନିର୍ମାଣ ବିଭାଗର ଦେବେଶ ବେହେରା, ମତ୍ସ୍ୟ ଅଧିକାରୀ ରଶ୍ମିରଞ୍ଜନ ଦାସ, ତାପସ କୁମାର ଜେନା ପ୍ରମୁଖ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ସେମାନଙ୍କ ବିଭାଗର ଅଭିଯୋଗମାନ ଗ୍ରହଣ କରିଥିଲେ। ଏଥିରେ ୧୦ରୁ ଊର୍ଦ୍ଧ୍ୱ ବିଭିନ୍ନ ବିଭାଗର ଷ୍ଟଲ ଖୋଲାଯାଇଥିଲା। ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଖୋଲା ଯାଇଥିବା ସ୍ୱାସ୍ଥ୍ୟ ଶିବିରରେ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। କାର୍ଯ୍ୟକ୍ରମକୁ ପୂର୍ବତନ ସରପଞ୍ଚ ଶୁଦ୍ଧଦେବ ବେହେରା, କାର୍ଯ୍ୟନିର୍ବାହୀ ଅଧିକାରୀ ହରମୋହନ ମହାନ୍ତି, ଗ୍ରାମ ରୋଜଗାର ସେବକ ମନୋରଞ୍ଜନ ସାହୁ ପ୍ରମୁଖ ପରିଚାଳନା କରିଥିଲେ।


ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀଙ୍କୁ ଲୋକେ ଅଭିଯୋଗ କରୁଛନ୍ତି।

# ଶତାୟୁ ମା', ସ୍ତ୍ରୀ, ୩ ପିଲା ବେସାହାରା

ଡେରାବିଶ, ୫ା୬(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଞ୍ଚଳ ମେ' ମାସ ତୃତୀୟ ସପ୍ତାହ ସୁଦ୍ଧା ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସହ ୪୦ରୁ ୪୨ ଡିଗ୍ରୀ ତାପମାତ୍ରାରେ ତତଲା କଡ଼େଇରେ ଶିଝୁଥିଲା। ହେଲେ ଗ୍ରୀଷ୍ମପ୍ରବାହକୁ ଖାତିର ନ କରି ବ୍ଲକ ଅଧୀନ ଛୋଟି ପଞ୍ଚାୟତ ଛୋଟି (ସାନମଙ୍ଗଳପୁର) ଗାଁର ଦିନମଜୁରିଆ ଅଜୟ ମଳିକ (୪୫) ସବୁଦିନ ପରି ମୂଲ ଲାଗିବାକୁ ଯାଉଥିଲେ। ଏପରିକି ଜଣେ ଜବ୍‌କାର୍ଡ ହିତାଧିକାରୀ ଭାବେ ଅଜୟ ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ବିଭିନ୍ନ ସ୍ଥାନରେ କାମକରି ଅର୍ଥ ଉପାର୍ଜନ କରୁଥିଲେ। ଅର୍ଥ ଉପାର୍ଜନ ନ କଲେ କତରାଲଗା ଶତାୟୁ ମା'ଙ୍କ ସମେତ ସ୍ତ୍ରୀ, ୩ ପିଲାଙ୍କୁ ଆହାର ସେ ଦେବେ କେମିତି। ବରଡ଼ା ତାଟିର କବାଟ ଥିବା ଭଙ୍ଗା ନୂଆଁଣିଆ ଚାଳଘରେ ରହୁଥିଲେ ଅଜୟଙ୍କ ସମେତ ପରିବାରର ଅନ୍ୟ ୫ ଜଣ। ମାତ୍ର ମେ' ୨୧ରେ କିଏ ଜାଣିଥିଲା ହସଖୁସିରେ ଦିନ କାଟୁଥିବା ଏହି ପରିବାର ଉପରେ ମାଡ଼ିଆସିବ କଳାବାଦଲ। ସବୁଦିନ ପରି ସେଦିନ ସକାଳ ନିତ୍ୟକର୍ମ ସାରି

### ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ କରିବାକୁ ଯାଇ ଅଜୟଙ୍କ ମୃତ୍ୟୁ ଘଟଣା


ଅଜୟଙ୍କ ଘରେ ପ୍ରଶାସନିକ ଅଧିକାରୀ ପହଞ୍ଚି ସହାୟତ ଦେଉଛନ୍ତି।

ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମରେ ସକାଳ ୮ଟା ବେଳେ ଅଜୟ ଯୋଗଦେଇଥିଲେ। ମାତ୍ର ସକାଳ ୯ଟାରେ କାମ କରୁଥିବା ବେଳେ ହଠାତ୍ ଅଚେତ ହୋଇପଡ଼ିଥିଲେ। ପାଖରେ ଥିବା ସାଥୀ ଶ୍ରମିକମାନେ ଅଜୟଙ୍କୁ ପ୍ରଥମେ ଇନ୍ଦୁପୁର ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନେଇଥିଲେ। ତେବେ ଅଜୟଙ୍କ ସ୍ୱାସ୍ଥ୍ୟ ଅଧିକ ଗୁରୁତର ହେବାକୁ ତାଙ୍କୁ ଡାକ୍ତର କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥଲେ। ଇତିମଧ୍ୟରେ ଅଜୟଙ୍କ ମୃତ୍ୟୁକୁ ୧୬ ଦିନ ବିତିଯାଇଛି। ଏବେବି ଆଖିରୁ ଲୁହ ଝରୁଛି ବିଧବା ପତ୍ନୀ ବିଦୁଲତା, ୧୭ ବର୍ଷର ଝିଅ ପ୍ରିୟଙ୍କା, ୧୬ ବର୍ଷର ଝିଅ ଲୋପା ଓ ୨୦ ବର୍ଷର ପୁଅ ଜିତୁଙ୍କ ଆଖିରୁ। ନୂଆଁଣିଆ ଚାଳଘର ପିଣ୍ଡାରେ ପଡ଼ିରହି ଦୁଇଆଖିକୁ ଦେଖାଯାଉ ନ ଥିବା ବୃଦ୍ଧା ମା' କେବଳ ଭେଣ୍ଡିଆ ପୁଅକୁ ଝୁରି ଗୁମୁରି ଗୁମୁରି କାନ୍ଦୁଛନ୍ତି। ଏଭଳି ଦୁଃଖଦ ସମୟରେ ଖୋର୍ଦ୍ଧା ଜିଲାର ଇଶା ଭାଇ ଭଉଣୀ ସେବାସଂସ୍ଥା ସହାୟତାର ହାତ ବଢ଼ାଇଛି ଅଜୟଙ୍କ ପରିବାରକୁ। ଖବର ପାଇ ବିଡିଓ ଦାଶରଥି ଜେନା, ଏବିଡିଓ ଭଞ୍ଜକିଶୋର ନାୟକ, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ସାବିତ୍ରୀ ମନ୍ତ୍ରୀ ଘଟଣାସ୍ଥଳକୁ ଯାଇ ବେସାହାରା ପରିବାରକୁ ସମବେଦନା ଜଣାଇ ସହାୟତା କରିବା ସହ ମୃତ ଅଜୟଙ୍କ ଜବ୍‌କାର୍ଡ ଓ ଲେବର କାର୍ଡ ତନଖି କରିଥିଲେ। ଏହି ସମୟରେ ବିଡିଓଙ୍କ ସହ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଳିକ, ଛୋଟି ସରପଞ୍ଚ ରଜନୀ ମଳିକ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୃତ ଅଜୟଙ୍କ ପରିବାରକୁ ସୋମବାର ଭେଟି ସହାୟତା ପ୍ରଦାନ କରିବା ସହ ଶ୍ରମିକ କଲ୍ୟାଣ ସଂସ୍ଥାରୁ କିପରି ବେସାହାରା ପରିବାରକୁ ଆର୍ଥିକ ସହାୟତା ମିଳିପାରିବ ସେ ଦିଗରେ ଚେଷ୍ଟା କରିବେ ବୋଲି ତ୍ରିପାଠୀ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ବରିଷ୍ଠ ନାଗରିକ ମଞ୍ଚ, ଉଦୟବଟ ତରଫରୁ ପରିବେଶ ଦିବସ ପାଳିତ

ଯାଜପୁର ରୋଡ,୫।୬(ଡି.ଏନ.ଏ.) : ପ୍ରକୃତି ବଞ୍ଚିଲେ, ଆମେ ବଞ୍ଚିବା । ବିଶ୍ୱ ପରିବେଶ ଦିବସର ଏଭଳି ଅନୁଚିନ୍ତା ହେଉ ବୋଲି ସୋମବାର ଉଦୟବଟ ଏବଂ ବ୍ୟାସନଗର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଅନୁଷ୍ଠିତ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଏହି ମତପ୍ରକାଶ ପାଇଛି। ଯାଜପୁର ଚୋରଦା ସ୍ଥିତ ବ୍ୟାସନଗର ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟାଳୟରେ ସର୍ବପ୍ରଥମେ ଟ୍ରେନ ଦୁର୍ଘଟଣାରେ ମୃତ ଯାଜପୁରର ୨ ଯାତ୍ରୀଙ୍କ ସହ ସମସ୍ତ ମୃତ ଯାତ୍ରୀଙ୍କ ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ମଞ୍ଚର ସମ୍ପାଦକ ଚନ୍ଦ୍ରମଣି ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ପରିବେଶବିତ୍ ଦୁଷ୍ମନ୍ତ କୁମାର ରାଉତ ମୁଖ୍ୟଅତିଥି ଓ ଅଧାପକ ଅକ୍ଷୟ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ପରିବେଶର ସୁରକ୍ଷା ଆମ ସମସ୍ତଙ୍କ ଗୁରୁଦାୟିତ୍ୱ ହେବା ଆବଶ୍ୟକ ବୋଲି କହିଥିଲେ। ଏହାବାଦ୍ କମଳଲୋଚନ ସାହୁ, ଯୋଗଗୁରୁ ବଟକୃଷ୍ଣ ପ୍ରଧାନ, ଲମ୍ବୋଦର ମଲ୍ଲିକ ପ୍ରମୁଖ ଯୋଗ ଦେଇ ପ୍ରକୃତିମାତାର ଉପଯୁକ୍ତ ସୁରକ୍ଷା, ପର୍ଯ୍ୟାପ୍ତ ପରିମାଣର ଚାରା ରୋପଣ, ବୃକ୍ଷରାଜିର ଉପଯୁକ୍ତ ରକ୍ଷଣାବେକ୍ଷଣ ପାଇଁ କୌଣସି ଗୋଟିଏ ଅନୁଷ୍ଠାନ ନୁହେଁ ବରଂ ସମସ୍ତ ଜନସାଧାରଣଙ୍କ ଭୂମିକା ରହିଛି ବୋଲି ନିବେଦନ କରିଥିଲେ। ସଭାପରେ ବୃକ୍ଷରୋପଣ କରାଯାଇଥିଲା। ଶେଷରେ ସନାତନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

### ହାତୀପଲ ଭାଙ୍ଗିଲେ ଘର

ଚମ୍ପୁଆ,୫।୬(ଡି.ଏନ୍.ଏ.): ଦୀର୍ଘଦିନ ବ୍ୟବଧାନରେ କେନ୍ଦୁଝର ଜିଲା ଚମ୍ପୁଆ ସେକ୍ସନକୁ ହାତୀପଲ ପ୍ରବେଶ କରିଛି। ହାତୀପଲ ୨ ଆଦିବାସୀଙ୍କ ଘର ଭାଙ୍ଗିଥିବା ଜଣାପଡ଼ିଛି। ହାତୀପଲ ଘଉଡ଼ାଇବା ପାଇଁ ବନବିଭାଗ ରୀତିମତ ଉଦ୍ୟମ ଜାରି ରଖିଥିବା ବନପାଳ କାଳନ୍ଦୀ ସାମଲ ସୂଚନା ଦେଇଛନ୍ତି। ରବିବାର ୧୪ ଟିକିଆ ହାତୀପଲ ମୟୂରଭଞ୍ଜ ଜିଲା କେଶରୀ ଗ୍ରାମର ରବର ଜଙ୍ଗଲରେ ଦିନରେ ରହିଥିଲେ। ରାତିରେ ବୈତରଣୀ ନଦୀ ପାର ହୋଇ ସରେଇ ଓ ଟୁଣ୍ଟୁଣା ଜଙ୍ଗଲ ନିକଟରେ ଥିବା ୨ ଘରକୁ ଭାଙ୍ଗି ଦେଇଥିଲେ।

# ୮୯ ଅଭିଯୋଗର ତ୍ୱରିତ ସମାଧାନ

## ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର

ଯାଜପୁର ଟାଉନ,୫।୬(ଡି.ଏନ.ଏ.)



ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ, ଏସ୍.ପି. ଓ ଅନ୍ୟ ପ୍ରଶାସନିକ ଅଧିକାରୀ।

ସୋମବାର ଯାଜପୁର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଚକ୍ରୱର୍ତ୍ତୀ ସିଂହ ରାଠୋରଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ଭିନୀତ ଅଗ୍ରୱାଲ, ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଦିବ୍ୟଲୋଚନ ମହାନ୍ତ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେଉରିଆଙ୍କ ସମେତ ସମସ୍ତ ଜିଲାସ୍ତରୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅଭିଯୋଗ ପ୍ରକୋଷ୍ଠରେ ସମୁଦାୟ ୧୪୫ ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ସେଥିରୁ ୧୨୪ ବ୍ୟକ୍ତିଗତ ଅଭିଯୋଗ ଏବଂ ୫ ସମୂହ ଅଭିଯୋଗ ଥିଲା । ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ ନିମନ୍ତେ ୨୪ ଅଭିଯୋଗ ଆସିଥିଲା । ଜିଲା ରେଡକ୍ରସ ପାଣ୍ଠିରୁ ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ ଜନିତ ୪୪ ଅଭିଯୋଗ ଥିଲା । ଶିବିରରେ ଜିଲାପାଳ ରାଠୋର ୮୯ ଅଭିଯୋଗର ତ୍ୱରିତ ସମାଧାନ କରିଥିଲେ । ପଞ୍ଜିକୃତ ହୋଇଥିବା ଅଭିଯୋଗ ମଧ୍ୟରୁ ୧୬ ଅଭିଯୋଗର ଅଭିଯୋଗକାରୀମାନେ ଅଭିଯୋଗ ସ୍ଥଳରେ ଅନୁପସ୍ଥିତ ଥିଲେ ।

# ବେଆଇନ ମଦଦୋକାନ ଖୋଲାଯିବ ନାହିଁ


ଜିଲାପାଳଙ୍କୁ ସାକ୍ଷାତ କରିବାକୁ ଆସିଥିବା ପଞ୍ଚାୟତବାସୀ।

ଯାଜପୁର ଟାଉନ,୫।୬(ଡି.ଏନ.ଏ.)

## ଅଭିଯୋଗକାରୀଙ୍କୁ ଜିଲାପାଳଙ୍କ ପ୍ରତିଶ୍ରୁତି

ଯାଜପୁର ଜିଲା ବିଂଝାରପୁର ବ୍ଲକ୍ ଘଣ୍ଟିଆଳି ପଞ୍ଚାୟତରେ ପ୍ରସ୍ତାବିତ ଠିପିଖୋଲା ମଦ ଦୋକାନକୁ ବିରୋଧ କରି ଅଞ୍ଚଳବାସୀ ଗତ ୪ ମାସ ହେବ ଆନ୍ଦୋଳନ କରୁଥିଲେ । ଏବେ ସେହି ଆନ୍ଦୋଳନ ସଫଳ ହେବାକୁ ଯାଉଛି। ବେଆଇନ ସ୍ଥାନରେ ମଦ ଦୋକାନ ଖୋଲିବାକୁ ଅବକାରୀ ବିଭାଗ ଓ ଦୋକାନ ମାଲିକ ମସୁଧା କରୁଥିବାବେଳେ ଜିଲାପାଳ ସେଥିରେ ହସ୍ତକ୍ଷେପ କରିଛନ୍ତି। ମଦ ଦୋକାନକୁ ବିରୋଧ କରି ୧୦ରୁ ଊର୍ଦ୍ଧ୍ୱ ଥର ପ୍ରସ୍ତାବିତ ମଦ ଦୋକାନ ନିକଟବର୍ତ୍ତୀ ଅଞ୍ଚଳବାସୀ ଏବଂ ୩ ପଞ୍ଚାୟତର ଲୋକେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ସୋମବାର ପୁଣିଥରେ ଘଣ୍ଟିଆଳି ସରପଞ୍ଚ କିଛି ଅଞ୍ଚଳବାସୀଙ୍କୁ ନେଇ ମଦ ଦୋକାନକୁ ବିରୋଧ କରି ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ଘଟଣାର ଗୁରୁତ୍ୱକୁ ଅନୁଭବ କରି ଜିଲାପାଳ ସେହି ପ୍ରସ୍ତାବିତ ସ୍ଥାନରେ ମଦ ଦୋକାନ ଖୋଲାଯିବ ନାହିଁ ବୋଲି ଅଭିଯୋଗକାରୀମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଉକ୍ତ ସ୍ଥାନରେ ମଦ ଦୋକାନ ହେଲେ ନିକଟରେ ଥିବା ବରୁଣେଶ୍ୱର ମହାବିଦ୍ୟାଳୟ, ବିଦ୍ୟାଳୟ, ବରୁଣେଶ୍ୱର ମନ୍ଦିର, ନିକଟବର୍ତ୍ତୀ ଅନୁସୂଚୀତ ଜାତି ସାହିର ବାସିନ୍ଦା ପ୍ରଭାବିତ ହେବେ ବୋଲି ଅଭିଯୋଗ ହୋଇଆସୁଥିଲା। ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଘଣ୍ଟିଆଳି ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ଧଳଙ୍କ ନେତୃତ୍ୱରେ ୱାର୍ଡମେମ୍ବର ମୀନତି ସେଠୀ, ସୁଶ୍ରୀ ସଙ୍ଗୀତା ବେହେରା ପ୍ରମୁଖ ଜିଲାପାଳଙ୍କୁ ସାକ୍ଷାତ କରି ଏ ସଂକ୍ରାନ୍ତରେ ଅଭିଯୋଗ କରିଥିଲେ।

## ପାଇପ ଚୋରି ଅଭିଯୋଗରେ ୨ ଯୁବକ ଜେଲ୍‌ଗଲେ

ପାଣିକୋଇଲି,୫।୬(ଡି.ଏନ୍.ଏ.)

ପାଇପ ଚୋରି ଅଭିଯୋଗରେ ପାଣିକୋଇଲି ପୋଲିସ ସୋମବାର ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ରବିବାର ପାଣିକୋଇଲି ଥାନା ଅଧୀନ ନମଟିକିରି ଗ୍ରାମରେ ଚାଲିଥିବା ମେଗା ପାନୀୟ ଜଳ ପ୍ରକଳ୍ପ ସ୍ଥଳରୁ ଗଚ୍ଛିତ ଥିବା ପାଇପ ଚୋରି ହେବା ନେଇ ଗ୍ରାମବାସୀ ଏକ ଟ୍ରକ (ନଂ.ସିଜି୦୪ଏନଏନ୪୧୩୯)କୁ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପାଇପ ବୋଝେଇ ଟ୍ରକକୁ ଜବତ କରିବା ସହ ୨ଯୁବକଙ୍କୁ ଗିରଫ କରିଥିଲା । ଏନେଇ ଏକ ମାମଲା (ନଂ.୧୩୩/୨୩) ରୁଜୁ କରାଯାଇଥିଲା। ସୋମବାର ଯାଜପୁର ସଦର ଥାନା ଅନ୍ତର୍ଗତ ଏରବାଙ୍ଗ ଇନ୍ଦାରୋଇ ଗ୍ରାମର କରୁଣାକର ଜେନା(୪୭) ଓ ଛତିଶଗଡ ରାଜ୍ୟ ବେମତ୍ରର ଜିଲା ନନ୍ଦିଘାଟ ଥାନା ଅନ୍ତର୍ଗତ କୁରା ଗ୍ରାମର ରମେଶ କୁମାର ସାହୁ( ୪୮)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ।

# ସର୍ବୋଦୟ ମଣ୍ଡଳ ପକ୍ଷରୁ ପରିବେଶ ଦିବସ ପାଳିତ

ଧର୍ମଶାଳା, ୫।୬(ଡି.ଏନ.ଏ.)

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଧୀନ କୁମାରୀ ଗ୍ରାମ ପଞ୍ଚାୟତ ଜାଲସୁଖାଠାରେ ଥିବା ବାବାପୁ ପାଠଶାଳା ପରିସରରେ ଜିଲା ସର୍ବୋଦୟ ମଣ୍ଡଳ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଚାରା ରୋପଣ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଡ. ଚିତ୍ତରଞ୍ଜନ ମହାନ୍ତି , ସମ୍ମାନୀୟ ଅତିଥି ଭାବେ ଅବସରପ୍ରାପ୍ତ ଅଧାପକ ରାଧେଶ୍ୟାମ ସାହୁ , ଶ୍ରମିକ ନେତା ଦୁର୍ଗା ପ୍ରସନ୍ନ ଦାସ, ସାମାଜିକ ଦିଲୀପ କୁମାର ଜେନା ଓ ମୁଖ୍ୟବକ୍ତା ଭାବେ କ୍ରୀଡ଼ାବିତ ଅମୀୟ କୁମାର ପରିଡ଼ା ଯୋଗ ଦେଇ ଚାରା ରୋପଣ କରିବା ସହିତ ପରିବେଶ ସଚେତନତା ସଭା ରେ ବୃକ୍ଷ ହିଁ ଜୀବନ ବୋଲି କହିଥିଲେ । ଏହି ଅବସରରେ ଦେଉଳି ପାହାଡ଼ ପାଦଦେଶରେ କାଜୁ ଗଛ ଲଗାଇ ଥିବା କାଶୀନାଥ ରାଉତଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପ ଗୁଚ୍ଛ ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ସଭାରେ ପାଠଶାଳାର ସଂଯୋଜକ ଦେବବ୍ରତ ରାଉତ ସଭାପତିତ୍ୱ କରିଥିବା ବେଳେ ସାମାଜିକ କର୍ମୀ ଅବିନାଶ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ଛାତ୍ରୀ ନନ୍ଦିନୀ ସାମଲ ଧନ୍ୟବାଦ ଦେଇଥିଲେ ।


ବାବାପୁ ପାଠାଗାର ପକ୍ଷରୁ ବିଶ୍ୱ ପରିବେଶ ଦିବସରେ ଚାରା ରୋପଣ କରାଯାଉଛି ।

# ରେଳ ଦୁର୍ଘଟଣାରେ ମୃତକଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା



ମୃତକଙ୍କ ପାଇଁ ବାହାରିଥିବା କ୍ୟାଣ୍ଡେଲ ଶୋଭାଯାତ୍ରା ।

ଚଣ୍ଡିଖୋଲ,୫।୬(ଡି.ଏନ୍.ଏ.)

ବାଲେଶରର ବାହାନଗାଠାରେ ରେଳ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ବ୍ୟକ୍ତି ଓ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରି ସୋମବାର ସନ୍ଧ୍ୟାରେ ବାଲିଚନ୍ଦ୍ରପୁରଠାରେ ମହାବାହୁ ଗ୍ରୁପ ଓଡିଶା, ଅସହାୟ ସାଥୀ ପରିବାର ଓ ପ୍ରେସ କ୍ଲବ ବାଲିଚନ୍ଦ୍ରପୁରର ମିଳିତ ଅନୁକୂଲ୍ୟରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଜଗନ୍ନାଥ ମନ୍ଦିରଠାରୁ ତାରିଣୀ ମନ୍ଦିର ପର୍ଯ୍ୟନ୍ତ ହୋଇଥିଲା। ପ୍ରଥମେ ୨ ମିନିଟ ନୀରବ ପ୍ରାର୍ଥନା କରି ଆହତ ବ୍ୟକ୍ତିମାନଙ୍କୁ ଶୀଘ୍ର ଆରୋଗ୍ୟ ମୁକ୍ତ କରିବା ଉଦ୍ଦେଶ୍ୟରେ ଜଗନ୍ନାଥ ମନ୍ଦିର ସମ୍ମୁଖରେ ପ୍ରାର୍ଥନା କରାଯାଇଥିଲା । ଶେଷରେ ମା'ତାରିଣୀଙ୍କ ନିକଟରେ ମହମ ବତୀ ଜାଳି ପ୍ରାର୍ଥନା କରାଯାଇଥିଲା। ଏଥିରେ ମହାବାହୁ ଗ୍ରୁପ ଅଫ୍ ଓଡିଶାର ଶିବ ପ୍ରସାଦ ସାମଲ, ବୈଷ୍ଣବ ବାରିକ, ଅଜିତ ନାୟକ, ନିମାଇଁ କର, ଅବିନାଶ ପଣ୍ଡା, ସୁବ୍ରତ ଜେନା ସନ୍ଦୀପ ବିଶ୍ୱାଳ, ପ୍ରେସ କ୍ଲବ ପକ୍ଷରୁ ବରିଷ୍ଠ ଖବରଦାତା ପ୍ରଦୀପ୍ତ କୁମାର ପୃଷ୍ଟି, ପ୍ରେସ କ୍ଲବ ସଭାପତି ପ୍ରକାଶ ଚନ୍ଦ୍ର ସାମଲ,ସମ୍ପାଦକ ପ୍ରଫୁଲ୍ଲ କୁମାର ପଣ୍ଡା, ଅସହାୟ ସାଥୀ ପରିବାର ପକ୍ଷରୁ ପ୍ରଦୀପ କୁମାର ଦାସ, ବିଶ୍ୱଜିତ ମହାରଣା, କବି ସତ୍ୟବ୍ରତ ପୁହାଣ, ହିମାଂଶୁ ଶେଖର ଜେନା ପ୍ରମୁଖ ବହୁ ବ୍ୟକ୍ତି କ୍ୟାଣ୍ଡେଲ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ପରିବେଶବିତ୍‌ଙ୍କ ଦ୍ୱାରା ଚାରା ରୋପଣ

ଧର୍ମଶାଳା, ୫।୬(ଡି.ଏନ.ଏ.)

ସୋମବାର ବିଶ୍ୱ ପରିବେଶ ଦିବସ ଅବସରରେ ଧର୍ମଶାଳାର ବିଶିଷ୍ଟ ପରିବେଶବିତ୍ ତଥା କେଡିଏମ୍‌ର ପରିବେଶ ଅଧ୍ୟକ୍ଷ ଶ୍ରୀନିବାସ ଜେନା ଓ ସହଯୋଗୀମାନେ ଗଡମଧୁପୁରଠାରେ ଶତାଧିକ ଫଳ ଚାରା ରୋପଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପଦ୍ମିନୀ ଜେନା, ପ୍ୟାରୀ ମୋହନ ବିଶ୍ୱାଳ, ପ୍ରଶନ୍ନ ରାଉତ, ବିଜୟ ପଣ୍ଡା, ଶରତ ବେହେରା, ପ୍ରତାପ ଜେନା, ପ୍ରକାଶ ଜେନା, ରାଜେଶ ଦୋରା, ଦ୍ୱାରିକାନାଥ ଦୋରା ପ୍ରମୁଖ ସହଯୋଗ କରିଥିଲେ। ପରିବେଶବିତ୍ ଜେନା କହିଛନ୍ତି, ଲଗାଯାଇଥିବା ଚାରା ଗୁଡିକର ରକ୍ଷଣାବେକ୍ଷଣ ପାଇଁ ବାଡ଼ା ନିର୍ମାଣ କରାଯାଇ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ ।


କଳ୍ପତରୁ ଦାସ ନ୍ୟାଶନାଲ ଫାଉଣ୍ଡେଶନ ପକ୍ଷରୁ ଚାରା ରୋପଣ କରାଯାଉଛି।

# ଭିସା କାରଖାନା ପରିସରରେ ବିଶ୍ୱ ପରିବେଶ ଦିବସ ପାଳିତ

କଳିଙ୍ଗନଗର,୫।୬(ଡି.ଏନ୍.ଏ.)


ଭିସା କାରଖାନା ପରିସରରେ ବିଶ୍ୱ ପରିବେଶ ଦିବସ ପତାକା ଉତ୍ତୋଳନ କରାଯାଉଛି ।

କଳିଙ୍ଗନଗର ଶିଳ୍ପାଞ୍ଚଳର ଭିସା କାରଖାନା ପରିସରରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମ ଆରମ୍ଭରେ କାରଖାନାର ନିର୍ଦ୍ଦେଶକ ମନୋଜ କୁମାର ପରିବେଶ ପତାକା ଉତ୍ତୋଳନ କରିଥିଲେ । ପରେ ବାହାନଗା ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ସମସ୍ତ ଯାତ୍ରୀଙ୍କ ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରିଥିଲେ । ଦୁର୍ଘଟଣାରେ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ଏହାପରେ କାର୍ଯ୍ୟସୂଚୀ ହିସାବରେ ପରିବେଶକୁ ସୁରକ୍ଷିତ ରଖିବାପାଇଁ ସମସ୍ତ ଶ୍ରମିକ ଓ କର୍ମଚାରୀ ଶପଥ ପାଠ କରିଥିଲେ। ମୁଖ୍ୟଅତିଥି ମନୋଜ କୁମାର ପରିବେଶ ସୁରକ୍ଷା କ୍ଷେତ୍ରରେ କାରଖାନା କର୍ତ୍ତୃପକ୍ଷ ନେଇଥିବା ପଦକ୍ଷେପ ଉପରେ ଆଲୋକପାତ କରିବା ସହିତ ସମସ୍ତ ଶ୍ରମିକ ଓ କର୍ମଚାରୀଙ୍କୁ ପରିବେଶକୁ ପ୍ରଦୂଷଣମୁକ୍ତ କରିବା ପାଇଁ ଆହ୍ୱାନ କରିଥିଲେ । ଏଥିସହିତ କାରଖାନା ମଧ୍ୟରେ ତଥା ନିଜ ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକ ବ୍ୟବହାରକୁ ପରିତ୍ୟାଗ କରିବା ପାଇଁ ଉପଦେଶ ଦେଇଥିଲେ । ଶେଷରେ ବିଶ୍ୱ ପରିବେଶ ଦିବସ ଆନୁକୂଲ୍ୟରେ ଆୟୋଜନ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ କୃତିତ୍ୱ ହାସଲ କରିଥିବା ଶ୍ରମିକ ଓ କର୍ମଚାରୀମାନଙ୍କୁ ମୁଖ୍ୟଅତିଥି କୁମାର ପୁରସ୍କାର ବିତରଣ କରିଥିଲେ । ଏହି ଅବସରରେ କାରଖାନା ପରିସରରେ କର୍ମଚାରୀମାନେ ବଉଳ ଚାରା ରୋପଣ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ସମସ୍ତ ଶ୍ରମିକ ଓ କର୍ମଚାରୀମାନଙ୍କୁ ମିଠା ବଣ୍ଟନ କରାଯାଇଥିଲା । କାରଖାନାର ପରିବେଶ ବିଭାଗର କର୍ମକର୍ତ୍ତାମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# କୀଟନାଶକ ପିଇ ବୃଦ୍ଧଙ୍କ ମୃତ୍ୟୁ

ପାଟଣା,୫।୬(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଉପାନ୍ତ ଅଞ୍ଚଳ ଡୁମୁରିଆ ପଞ୍ଚାୟତ ବଡ଼ ନୂଆଗାଁ ଗ୍ରାମର ଜଣେ ବୃଦ୍ଧ ରବିବାର ରାତିରେ କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି। ମୃତକ ଗ୍ରାମର ଲୋଫାର ମୁଣ୍ଡା। ସୂଚନା ଅନୁଯାୟୀ, ରବିବାର ବିଳମ୍ବିତ ରାତିରେ ସେ ଶୋଇବାକୁ ଯିବା ପରେ ଅସୁସ୍ଥ ଅନୁଭବ କରିଥିଲେ। ପରେ ବାନ୍ତି ହେବାରୁ ପରିବାର ଲୋକେ ସନ୍ଦେହ କରି ତାଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମାନସିକ ଭାରସାମ୍ୟ ହରାଇ କୀଟନାଶକ ପିଇଦେଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୨୫/୨୩) ରୁଜୁ ହୋଇଛି ।

# ଟାଟା ଷ୍ଟିଲ୍‌ରେ ବିଶ୍ୱ ପରିବେଶ ଦିବସ

କଳିଙ୍ଗନଗର,୫।୬(ଡି.ଏନ.ଏ.) :

- ୨୫୦୦ରୁ ଊର୍ଦ୍ଧ୍ୱ ଚାରାରୋପଣ
- ହର୍ବାଲ୍, ମସଲା ଉଦ୍ୟାନ ଉଦ୍‌ଘାଟିତ

ଜାତିସଂଘ ପକ୍ଷରୁ ଘୋଷଣା କରାଯାଇଥିବା ବିଟ୍ ଦି ପ୍ଲାଷ୍ଟିକ୍ ବିଷୟବସ୍ତୁ ଅନୁସାରେ ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସ୍‌କେ) ପକ୍ଷରୁ ସୋମବାର ଯାଜପୁର ଜିଲାର କଳିଙ୍ଗନଗର କାରଖାନା ପରିସରରେ ଚାରା ରୋପଣ ସହ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି। ଏହି ଅବସରରେ କାରଖାନା ପରିସରରେ ୨୫୦୦ରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯାଇଛି। ବହୁସଂଖ୍ୟକ ଚାରା ରୋପଣ ବ୍ୟତୀତ ପରିବେଶ ଦୀର୍ଘସ୍ଥାୟିତ୍ୱ ଉପରେ ସଚେତନତା ସୃଷ୍ଟି କରିବା ଲାଗି ସ୍କୁଲ ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତା ଏବଂ କର୍ମଚାରୀମାନଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ, ସ୍ଲୋଗାନ ଓ କୁଇଜ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିସହିତ ନିକଟସ୍ଥ ଗୋଷ୍ଠୀ ସଦସ୍ୟଙ୍କ ମଧ୍ୟରେ ୬୫୦ ଫଳ ଧାରଣକାରୀ ଚାରା ବଣ୍ଟନ କରାଯିବା ସହ କାରଖାନା ପରିସର ଓ ଆଖପାଖ ଅଞ୍ଚଳରେ ପ୍ଲାଷ୍ଟିକ୍ ସଫେଇର ଏକ ଅଭିଯାନ ଆୟୋଜନ କରାଯାଇଥିଲା। ଏହାସହ କଳିଙ୍ଗନଗର ଟ୍ରେନିଂ ସେଣ୍ଟର ପ୍ଲଟ୍-୨ରେ ଟିଏସ୍‌କେର ଉପସଭାପତି (ଅପରେସନ୍ସ) ରାଜୀବ କୁମାର ଏକ ହର୍ବାଲ୍ ଓ ମସଲା ଉଦ୍ୟାନକୁ ଉଦ୍‌ଘାଟନ କରିଥିଲେ। ଟିଏସ୍‌କେର ମେକାନିକାଲ୍ ମେଣ୍ଟେନାନ୍ସ ମୁଖ୍ୟ ଶଙ୍କର ବିଶ୍ୱାସ, ଇଲେକ୍ଟ୍ରିକାଲ୍ ମେଣ୍ଟେନାନ୍ସ ମୁଖ୍ୟ ଅଜିତ କର, ଇଲେକ୍ଟ୍ରିକାଲ୍ ମେଣ୍ଟେନାନ୍ସ ସିଏସ୍‌ଆଇ ଓ ଆର୍‌ଏମ୍‌ଏଚ୍ ମୁଖ୍ୟ ପଙ୍କଜ ଭୁରେ, ୟୁଟିଲିଟିଜ୍ ଆଣ୍ଡ୍ ପାୱାର ସିଷ୍ଟମ୍‌ସ ମୁଖ୍ୟ ପ୍ରଦୀପ ଚକ୍ରବର୍ତ୍ତୀ, ସିକ୍ୟୁରିଟି ବିଭାଗର ମୁଖ୍ୟ ପ୍ରକାଶ ସଞ୍ଜୟ ପ୍ରମୁଖ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହିଉଦ୍ୟାନରେ ୧୨୦ ପ୍ରକାରର ହର୍ବାଲ ଓ ୧୪ ପ୍ରକାରର ମସଲା ଉଦ୍ଭିଦ ଗଛ ରହିଛି ।


ପରିବେଶ ଦିବସ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଟାଟା ଷ୍ଟିଲ୍‌ର ଅଧିକାରୀ ଓ କର୍ମଚାରୀବୃନ୍ଦ।

# ଏପିଜେ ଲଜିଷ୍ଟିକ୍ ଆଗରେ ବିସ୍ଥାପିତ ପରିବାରଙ୍କ ଧାରଣା

କଳିଙ୍ଗନଗର,୫।୬(ଡି.ଏନ୍.ଏ.)



ଧାରଣାରେ ବସିଥିବା ବିସ୍ଥାପିତଙ୍କ ପରିବାର।

ସୋମବାର କଳିଙ୍ଗନଗର ଶିଳ୍ପାଞ୍ଚଳ ଅନ୍ତର୍ଗତ ଏପିଜେ ଲଜିଷ୍ଟିକ ପ୍ରକଳ୍ପ ସମ୍ମୁଖରେ ବିସ୍ଥାପିତ ଓ ଜମିହରା ପରିଷଦ, ଖୁରୁଣ୍ଟି ପକ୍ଷରୁ ଧାରଣା ଦିଆଯାଇଥିଲା । କାରଖାନା ପାଇଁ ବିସ୍ଥାପିତ ହୋଇଥିବା ପରିବାର ଅଦ୍ୟାବଧି ସେମାନଙ୍କ ନ୍ୟାର୍ଯ୍ୟ ଅଧିକାର ପାଉ ନ ଥିବା ଅଭିଯୋଗ କରି କାରଖାନା ଫାଟକ ସମ୍ମୁଖରେ ବସିଥିଲେ । ସୂଚନା ମୁତାବକ ଏହି ପ୍ରକଳ୍ପ ନେଇଥିବା ଜମି ପାଇଁ ସାରଙ୍ଗପୁର ପଞ୍ଚାୟତ ଖୁରୁଣ୍ଟି ଗ୍ରାମର ୮ ଟି ପରିବାର ବିସ୍ଥାପିତ ହୋଇଥିଲେ । ସେମାନଙ୍କୁ ବିସ୍ଥାପିତ ପରିବାର ମାନ୍ୟତା ସହିତ ପରିଚୟ ପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା । ମାତ୍ର ଗତ ୧୦ ବର୍ଷ ମଧ୍ୟରେ କାରଖାନା କର୍ତ୍ତୃପକ୍ଷ ବିସ୍ଥାପିତ ପରିବାର ପ୍ରତି ଯେଉଁ ବିଧାନ କରିବା କଥା ତାହା କରି ନ ଥିବା ଅଭିଯୋଗ ହୋଇଛି । ବହୁବାର କାରଖାନା କର୍ତ୍ତୃପକ୍ଷ ଓ କଳିଙ୍ଗନଗର ଏଡିଏମ୍‌ଙ୍କୁ ବିସ୍ଥାପିତମାନେ ଏ ବାବଦରେ ଦାବିପତ୍ର ଦେଇଥିଲେ ମଧ କେହି କେବେ ସେମାନଙ୍କ ସମସ୍ୟା ସମାଧାନ ପାଇଁ ଆଗେଇ ଆସି ନ ଥିଲେ । ଏହାର ପ୍ରତିବାଦରେ ସୋମବାର ଦିନ ବିସ୍ଥାପିତ ପରିବାର ସଦସ୍ୟମାନେ ସ୍ଥାନୀୟ

## ଚାକିରି ନ ମିଳିବାରୁ ଆନ୍ଦୋଳନ

ଯୁବକ ମୃତ୍ୟୁଞ୍ଜୟ ଦେଓ, ରଞ୍ଜନ କୁମାର ମଲିକ, ନିଆଜୁଦ୍ଦିନ, ପୀତବାସ ମଲିକ ଓ ବିଭୁ ମାଲିକଙ୍କ ନେତୃତ୍ୱରେ ୭ ଦଫା ଦାବି ନେଇ କାରଖାନା ଫାଟକ ସମ୍ମୁଖରେ ଗଣଧାରଣା ଦେଇଥିଲେ। କାରଖାନାରେ ବିସ୍ଥାପିତ ପରିବାର ସଦସ୍ୟଙ୍କୁ ନିଯୁକ୍ତି ସମେତ ଅନ୍ୟାନ୍ୟ ଦାବି ଉପସ୍ଥାପିତ କରିଥିଲେ। କାରଖାନା ର ପଦାଧିକାରୀ ଅନିଲ କୁମାର ସାହୁ, ଅରୁଣ ସାହୁ ଏବଂ କିଶୋର ପଟ୍ଟନାୟକ ଆନ୍ଦୋଳନ କାରୀଙ୍କ ସହିତ ସେମାନଙ୍କ ଦାବି ପ୍ରସଙ୍ଗରେ ଆଲୋଚନା କରିଥିଲେ। କୌଣସି ସମାଧାନର ବାଟ ନ ବାହାରିବାରୁ ସେମାନେ ୭ ଦିନ ମହଲତ ନେଇଥିବା ସୂଚନା ମିଳିଛି ।

## ସଂକ୍ଷେପରେ

### ପାରିବାରିକ କଳହରୁ ମହିଳାଙ୍କ ଆତ୍ମହତ୍ୟା, ସ୍ୱାମୀ ଗିରଫ

ଭାପୁର, ୫।୬(ଡି.ଏନ.ଏ.) : ଫତେଗଡ ଥାନା ଅନ୍ତର୍ଗତ ଭାପୁର ବ୍ଲକ ଭଗବାନପୁର ପଞ୍ଚାୟତ ଲୁଣିଆବାଟୀ ଗ୍ରାମରେ ପାରିବାରିକ କଳହ ଯୋଗୁ ମହିଳାଙ୍କ ଆତ୍ମହତ୍ୟା କରିଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ ଲୁଣିଆବାଟୀ ଗ୍ରାମର କାର୍ତ୍ତିକ ପ୍ରଧାନ ଓ ତାଙ୍କର ସ୍ତ୍ରୀ ଝୁନା (୨୩) ୨ ଝିଅକୁ ନେଇ ପରିବାର। ରବିବାର ସ୍ୱାମୀ ସ୍ତ୍ରୀ ମଧ୍ୟରେ କୌଣସି ଘଟଣାକୁ ନେଇ ପାଟିତୁଣ୍ଡ ଲାଗିଥିଲା। ବିଳମ୍ବିତ ରାତିରେ ଝୁନା ଆତ୍ମହତ୍ୟା କରିଥିଲେ। ଖବରପାଇ ସୋମବାର ସକାଳୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା। ଖଣ୍ଡପଡ଼ା ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ, ଭାପୁର ତହସିଲଦାର ଲମ୍ବଜିତ ବେହେରା, ଫତେଗଡ ଥାନା ସବ୍ ଇନ୍ସପେକ୍ଟର ଶ୍ରଦ୍ଧା ନାୟକ ଓ ପୋଲିସ କର୍ମଚାରୀ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ଖଣ୍ଡପଡ଼ା ମେଡିକାଲକୁ ପଠାଇଥିଲେ। ସ୍ୱାମୀ କାର୍ତ୍ତିକଙ୍କୁ ଗିରଫ କରିଥିଲେ।

### ପେସାଦାର ସାମ୍ବାଦିକ ସଂଘ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର

ଭାପୁର,୫।୬(ଡି.ଏନ.ଏ.): ଭାପୁର ବ୍ଲକ ଅନ୍ତର୍ଗତ ଭାପୁର ସରସ୍ୱତୀ ଶିଶୁ ମନ୍ଦିର ପ୍ରାଙ୍ଗଣରେ ଭାପୁର ପେଷାଦାର ସାମ୍ବାଦିକ ସଂଘ ପକ୍ଷରୁ ମାଗଣାରେ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ସୋମବାର ପୂର୍ବାହ୍ନ ୧୦ଟାରେ ପେଷାଦାର ସାମ୍ବାଦିକ ସଂଘର ପୂର୍ବତନ ସଭାପତି ଗୀତିକାନ୍ତଙ୍କ ଅଧ୍ୟକ୍ଷତାରେ ଏହି ମାଗଣାରେ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲାର ବରିଷ୍ଠ ସାମ୍ବାଦିକ ରବୀନ୍ଦ୍ର କୁମାର ପଟ୍ଟନାୟକ, ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ସତ୍ୟପ୍ରିୟ ସାହୁ ଯୋଗଦେଇ ଚକ୍ଷୁ ଚିକିତ୍ସା ଶିବିର ଉଦ୍‌ଘାଟନ କରିଥିଲେ। ଚକ୍ଷୁ ଚିକିତ୍ସା ଶିବିରରେ କଟକର ଚକ୍ଷୁ ଡା ସତ୍ୟ ପ୍ରକାଶ ସାହୁ, ଡା ସ୍ନେହା ପ୍ରିୟଦର୍ଶିନୀ, ପ୍ରକାଶ କୁମାର ସାହୁ ଓ ଲକ୍ଷ୍ମୀପ୍ରିୟା ସାହୁ ଚିକିତ୍ସା କରିଥିଲେ। ଶିବିରରେ ଭାପୁର ଅଞ୍ଚଳର ୧୧୬ଜଣ ଚକ୍ଷୁ ଚିକିତ୍ସା ପାଇଁ ନାମ ପଞ୍ଜୀକରଣ କରିଥିଲେ। ସେମାନ ଆଖି ପରୀକ୍ଷା ସହିତ ମାଗଣାରେ ଔଷଧ ନେଇଥିଲେ। ୧୫ଜଣଙ୍କ ଆଖି ଅପରେଶନ ପାଇଁ ସେମାନଙ୍କୁ କଟକ ନେଇଥିଲେ। ଏହି ଶିବିରରେ ଭାପୁର ପେଷାଦାର ସାମ୍ବାଦିକ ସଂଘର ସଭାପତି ଶୁଭେନ୍ଦୁ କୁମାର ପଟ୍ଟନାୟକ, ସମ୍ପାଦକ ସଂଗ୍ରାମ ପଟ୍ଟନାୟକ, ସନାତନ ଷଡ଼ଙ୍ଗୀ, ଶିକ୍ଷାବିତ ଚରଣ ସାହୁ ଉପସ୍ଥିତ ରହି ସହଯୋଗ କରିଥିଲେ।

# ୫-ଟି ସ୍କୁଲରେ ପାଣି, ଶୌଚାଳୟର ଅବ୍ୟବସ୍ଥା

- ନୂଆଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ
- ସ୍କୁଲ୍ ଆରମ୍ଭରୁ ନିର୍ମାଣ ହୋଇଥିବା ପଥର କୂଅର ଦୂଷିତ ପାଣି ଭରସା
- ଶୌଚାଳୟ ନିର୍ମାଣ ହୋଇଥିଲେ ମଧ୍ୟ କାମରେ ଆସୁନି
- ପରିଚାଳନା କମିଟିର ଆନ୍ଦୋଳନ ଚେତାବନୀ

ନୂଆଗାଁ, ୫।୬ (ଡି.ଏନ.ଏ.)

ସରକାରୀ ସ୍କୁଲଗୁଡ଼ିକୁ ୫-ଟି ଯୋଜନାରେ ରୂପାନ୍ତରଣ କରିବାକୁ ଯାଇ ରଙ୍ଗବୋଳି ସଜେଇ ଦିଆଯାଉଛି। କିନ୍ତୁ ସ୍କୁଲ୍‌ର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକଙ୍କ ପାଇଁ ମୌଳିକ ଅସୁବିଧା ପ୍ରତି ଦୃଷ୍ଟି ଦିଆଯାଉନାହିଁ। ଏପରି ଅଭିଯୋଗ ଆସିଛି ନୟାଗଡ଼ ଜିଲା ନୂଆଗାଁ ବ୍ଲକଠାରୁ ମାତ୍ର ୫୦୦ ମିଟର ଦୂରରେ ଥିବା ନୂଆଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରୁ।

ନୂଆଗାଁ ବ୍ଲକ ଅଞ୍ଚଳର ପିଲାମାନଙ୍କ ପାଠପଢ଼ା ନିମନ୍ତେ ୧୯୬୪ରେ ନୂଆଗାଁ ହାଇସ୍କୁଲ ପ୍ରତିଷ୍ଠା କରାଯାଇଥିଲା। ଛାତ୍ରୀଛାତ୍ରଙ୍କୁ ସ୍କୁଲ ପ୍ରତି ଆକୃଷ୍ଟ କରିବା ଓ ଉନ୍ନତମାନର ଅତ୍ୟାଧୁନିକ ଜ୍ଞାନକୌଶଳରେ ଶିକ୍ଷାଦାନ କରିବାକୁ ଗତ ଶିକ୍ଷାବର୍ଷରେ ଉକ୍ତ ସ୍କୁଲ୍‌କୁ ୫-ଟି ଯୋଜନାରେ ରୂପାନ୍ତରିତ କରାଯାଇଛି। ଏହି ଯୋଜନାରେ କେବଳ ସ୍ମାର୍ଟ କ୍ଲାସ୍ ରୁମ୍, ଲାଇବ୍ରେରି ରୁମ୍, କମ୍ପ୍ୟୁଟର ରୁମ୍‌କୁ ସଜେଇବା ସହ ଫଟାକାନ୍ଥରେ ରଙ୍ଗବୋଳି ଦିଆଯାଇଥିବା ବେଳେ ସ୍କୁଲର ମୌଳିକ ଆବଶ୍ୟକତା ପ୍ରତି ଦୃଷ୍ଟି ଦିଆଯାଇନାହିଁ।



ଦୀର୍ଘମାସ ହେଲା ଅଧାପନ୍ତରିଆ ଭାବେ ପଡ଼ିରହିଥିବା ଟାଙ୍କି।



ସାହାରା ସାଜିଥିବା ଖୋଲାକୂଅ।

ସ୍କୁଲରେ ୬ଷ୍ଠ ଶ୍ରେଣୀଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୩୮୪ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେଥିମଧ୍ୟରେ ୯୨ ଛାତ୍ରୀ ଓ ୨୯୨ ଜଣ ଛାତ୍ର ଅଛନ୍ତି। ଶିକ୍ଷୟିତ୍ରୀ ୪ ଜଣ ଥିବା ବେଳେ ଶିକ୍ଷକ ୭ ଜଣ ରହିଛନ୍ତି। ନୂଆଗାଁ ବ୍ଲକରେ ଆଦର୍ଶ ବିଦ୍ୟାଳୟ ନିର୍ମାଣ ହୋଇ ନ ଥିବାରୁ ହାଇସ୍କୁଲ ପରିସରରେ ଆଦର୍ଶ ବିଦ୍ୟାଳୟର ୮୦ ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ଏମାନଙ୍କ ବ୍ୟବହାର ପାଇଁ ବିଭିନ୍ନ ବିଭାଗ ପକ୍ଷରୁ ୪ଟି ଶୌଚାଳୟ ନିର୍ମାଣ କରାଯାଇଥିଲେ ମଧ୍ୟ କୌଣସି ଗୋଟିଏ ବି କାମରେ ଲାଗୁନି। କେଉଁଟିରେ ପାଣି ବ୍ୟବସ୍ଥା ନାହିଁ ତ କେଉଁଟାରେ ଟ୍ୟାପ୍ ନାହିଁ। ଆଉ କେଉଁଟି ଦୀର୍ଘମାସ ହେଲା ଅଧାପନ୍ତରିଆ ଭାବେ ପଡ଼ିରହିଛି। ଫଳରେ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଅସୁବିଧା ଭୋଗୁଛନ୍ତି। ଅଧାପନ୍ତରିଆ କାର୍ଯ୍ୟ ବାବଦରେ ଅଭିଯୋଗ କରିବାକୁ ହେଲେ ସେହି ଶୌଚାଳୟଗୁଡ଼ିକ କେଉଁ ବିଭାଗ ପକ୍ଷରୁ ନିର୍ମାଣ କରାଯାଇଛି ତାହା ମଧ୍ୟ କେହି ଜାଣି ନାହାନ୍ତି। ସେହିପରି ସ୍କୁଲରେ ପାଣିର ଅଭାବ ବେଶି କଷ୍ଟ ଦେଉଥିବା ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ରମାନେ କହିଛନ୍ତି। ପୁରୁଣା ଖୋଲା ପଥର କୂଅ ବ୍ୟତୀତ ଗୋଟିଏ ନଳକୂଅ ଖୋଳାଯାଇଛି। ଖୋଲାକୂଅର ପାଣି ଦୂଷିତ ହୋଇଯାଇଛି। ନଳକୂଅ ପାଣି କୌଣସି କାମରେ ଆସୁନି। ବିଶୁଦ୍ଧ ପାଣି ଯୋଗାଇବାକୁ ଆକ୍ୱାଗାର୍ଡ ଲଗାଯାଇଥିଲେ ମଧ୍ୟ ପାଣି ଅଭାବରୁ ତାହା ଅଚଳ ହୋଇ ପଡ଼ିରହିଛି। ଏ ନେଇ ବାରମ୍ବାର ଅଭିଯୋଗ ପରେ ବି କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହେଉଛି। ସ୍କୁଲ ଖୋଲିବା ପୂର୍ବରୁ ଏସବୁ ସମସ୍ୟାର ସମାଧାନ କରା ନ ଗଲେ ସ୍କୁଲ ପରିଚାଳନା କମିଟିର ସଦସ୍ୟମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ନୂଆଗାଁ ବିଡିଓ ସଚ୍ଚିଦାନନ୍ଦ ମିଶ୍ରଙ୍କୁ ପଚାରିବାରେ ଏ ସବୁ ସମସ୍ୟା ବାବଦରେ ଅବଗତ ଅଛି। ଖୁବ୍‌ଶୀଘ୍ର ସମସ୍ୟା ଦୂର କରିବାକୁ ଚେଷ୍ଟା କରାଯିବ ବୋଲି ସେ କହିଛନ୍ତି।

### ୪ ଗଞ୍ଜେଇ ବ୍ୟବସାୟୀ ଗିରଫ

**କାର ସହ ୨୪ କେଜି ଗଞ୍ଜେଇ ଜବତ**

ନୟାଗଡ ଅଫିସ/ ଦଶପଲ୍ଲା,୫।୬(ଡି.ଏନ.ଏ.)

ଦଶପଲ୍ଲା ଥାନା ପୋଲିସ ୪୮ ନଂ. ରାଜ୍ୟ ରାଜପଥର ଯୋଗିଆବନ୍ଧ ନିକଟରୁ ଏକ କାର ସହ ୨୪ କେଜି ଗଞ୍ଜେଇ ଓ ୫ଟି ମୋବାଇଲ ସୋମବାର ଜବତ କରିଛି। ଏହି ଘଟଣାରେ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ କନ୍ଧମାଳ ଜିଲା ସାନଗଡ୍ଡୁ ଗାଁର ସୁଶୀଲ ଦିଗାଲ(୪୨), ଚକାପାଦ ଥାନା ରଙ୍ଗମାଟିଆ ଗାଁର ସଞ୍ଜୀବ ଦିଗାଲ(୨୧), ଟିକାବାଲି ଥାନା କଟଡି ଗାଁର ବିପ୍ଳବ ଦିଗାଲ(୨୧) ଓ ସୁକଦେବ ପ୍ରଧାନ(୨୧)ଙ୍କୁ ଦଶପଲ୍ଲା ସବ୍‌ଜେଲକୁ ପଠାଇ ଦିଆଯାଇଛି। ରବିବାର ନଂ. ଓଆର ୦୨ ଏଏ ୧୧୫୫ କାର ଯୋଗେ ଗଞ୍ଜେଇ କନ୍ଧମାଳ ଜିଲାରୁ ନୟାଗଡ଼ଜିଲାକୁ ଆସୁଥିଲା। ଦଶପଲ୍ଲା ଥାନା ପୋଲିସ ପାଟ୍ରୋଲିଂ ବେଳେ ଯୋଗିଆବନ୍ଧ ନିକଟରୁ ସନ୍ଦେହରେ କାରକୁ ରଖି ତଦନ୍ତ କରିଥିଲା। ତଦନ୍ତରୁ କାରରେ ଗଞ୍ଜେଇ ଚାଲାଣ ହେଉଥିବା ଜଣାପଡିଥିଲା। ପରେ ନଂ. ୧୪୫/୨୩ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ସହ ଗଞ୍ଜେଇ ଜବତ କରାଯାଇଥିଲା।

## ମୁକ୍ତାକାଶ ରଙ୍ଗମଞ୍ଚରେ 'ବାଉଁଶ ଠେଙ୍ଗାରେ ସ୍ୱାଧୀନତା' ମଞ୍ଚସ୍ଥ

ନୟାଗଡ଼ ଅଫିସ,୫।୬

ନୟାଗଡ଼ ସହର ଖଣ୍ଡପଡା ରୋଡ଼ର ବଳାଙ୍ଗୀପାର୍କସ୍ଥ ମୁକ୍ତାକାଶ ରଙ୍ଗମଞ୍ଚଠାରେ ସୋମବାର ଐତିହାସିକ ନାଟକ ବାଉଁଶ ଠେଙ୍ଗାରେ ସ୍ୱାଧୀନତା ମଞ୍ଚସ୍ଥ ହୋଇଛି । ଦିଲେଶ୍ୱର ମହାରଣାଙ୍କ ରଚନା ଓ ଭଗବତୀ ଚରଣ ପଟ୍ଟନାୟକ ନିର୍ଦ୍ଦେଶନାରେ ଅନୁଷ୍ଠିତ ଏହି ନାଟକକୁ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ବିଡିଓ ପଦ୍ମ ଚରଣ ସାହୁ, ନାଟ୍ୟକାର ବିଜୟ କୁମାର ଚୌଧୁରୀ, ରାମଚନ୍ଦ୍ର ମିଶ୍ର ଉଦ୍‌ଘାଟନ କରିଥିଲେ। ନାଟକର ଗୀତ ରଚନା ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ କରିଥିବା ବେଳେ ନାଟକଟି ରଣପୁର ରାଜାଙ୍କ ଅତ୍ୟାଚାର ଓ ଶହୀଦ ରଘୁ ଦିବାକରଙ୍କ ସ୍ୱାଧୀନତା ସଂଗ୍ରାମ ଉପରେ



ରଙ୍ଗମଞ୍ଚରେ କଳାକାରମାନେ ଅଭିନୟ ପ୍ରଦର୍ଶନ କରୁଛନ୍ତି।

ଆଧାରିତ ହୋଇଛି। ଶୋଷଣକାରୀ ରାଜା, ଇଂରେଜ ସରକାରଙ୍କ ଲୁଣ୍ଠନ ବିରୋଧରେ ସଂଗ୍ରାମ ନାଟକରେ ଦେଖିବାକୁ ମିଳିଛି ବାଉଁଶ ଠେଙ୍ଗାରେ ଇଂରେଜ ସରକାରଙ୍କ ନିଦ ହଜାଇଥିବା ସଂଗ୍ରାମୀଙ୍କ ଦେଶ ପ୍ରେମର ଝଲକ। ଏହା ଦର୍ଶକଙ୍କୁ ବିମୋହିତ କରିଛି । କଳାକାରଙ୍କ ଅଭିନୟ ଜୀବନ୍ତ ହୋଇଥିଲା । ଜଙ୍ଗଲ ପାହାଡ଼ ମଧ୍ୟରେ ନିର୍ମାଣ ବଳାଙ୍ଗୀ ପାର୍କରେ ମଞ୍ଚସ୍ଥ ନାଟକ ଦେଖିବାକୁ ବହୁ ଦର୍ଶକଙ୍କ ସମାଗମ ହୋଇଥିଲା। ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ଏସ୍‌ପି ଅଲେଖ ଚନ୍ଦ୍ର ପହି, ଉପଜିଲାପାଳ ଶକ୍ତିକାନ୍ତ ରାୟ, ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟଙ୍କୁ ମଧ୍ୟ ସେଠାରେ ଦର୍ଶକ ଭାବେ ଦେଖିବାକୁ ମିଳିଥିଲା ।

## ୪ ଜଣଙ୍କୁ ପ୍ରକୃତବନ୍ଧୁ ପୁରସ୍କାର

ନୟାଗଡ଼ ଅଫିସ,୫।୬

ଜିଲାପାଳଙ୍କ ସଦ୍‌ଭାବନା କକ୍ଷରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ରୂପେ ପରିବେଶବତ୍ ସାବରମତି ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଏଫ୍‌ଓ କ୍ଷମା ଷଡଙ୍ଗୀ, ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡର ଡିଏଫ୍‌ଓ ଫାଲଗୁନି ସାରଥି ମଲ୍ଲିକ, ଜଳ ବିଭାଜିକାର ଡେପୁଟି ଡାଇରେକ୍ଟର ସୁଧାକର ଶତପଥି ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ଚଳିତବର୍ଷ ନୟାଗଡ଼ ବ୍ଲକ ପାଇଁ ଅନାଦି ଚରଣ ମହାନ୍ତି, ଭାପୁର ବ୍ଲକ ପାଇଁ ଗିତାଞ୍ଜଳୀ ଷଡଙ୍ଗୀ, ନୂଆଗାଁ ବ୍ଲକ ପାଇଁ ଅଟଳ ବିହାରୀ ପ୍ରଧାନ, ଓଡଗାଁ ବ୍ଲକ ପାଇଁ ପଞ୍ଚାନନ ପ୍ରଧାନଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ସହ ୧୦ ହଜାର ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ବିଭିନ୍ନ ରେଞ୍ଜ ପକ୍ଷରୁ ପରିବେଶ ଉପରେ ଡିବେଟ, କୁଇଜ, ସଙ୍ଗୀତ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ହାତଗଣତି ଜିଲାସ୍ତରୀୟ ପ୍ରତିନିଧିଙ୍କୁ ନିମନ୍ତ୍ରଣ ଥିବାବେଳେ ଅନ୍ୟମାନଙ୍କୁ ଡକା ଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

## ବିଶ୍ୱ ପରିବେଶ ଦିବସ ପାଳିତ




ଶୋଭାଯାତ୍ରାରେ ସାମିଲ ହୋଇଥିବା ବନ କର୍ମଚାରୀ।

ଦଶପଲ୍ଲା, ୫।୬(ଡି.ଏନ. ଏ.)

ଦଶପଲ୍ଲା ବନ ବିଭାଗ ପକ୍ଷରୁ ବିଶ୍ୱ ପରିବେଶ ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ହାଇସ୍କୁଲର ସ୍କାଉଟ ଛାତ୍ର ଏବଂ ବନ କର୍ମଚାରୀଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଆୟୋଜନ ହୋଇଥିଲା। ସ୍ଥାନୀୟ ମହାବୀର ମନ୍ଦିରଠାରୁ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରି ବନ ବିଭାଗ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲା। ଶୋଭାଯାତ୍ରାରେ ପରିବେଶ ଉପରେ ବିଭିନ୍ନ ସ୍ଲୋଗାନ ମାନ ଦିଆଯାଇଥିଲା। ସାକେଣି ଫରେଷ୍ଟର କୈଳାସ ପ୍ରଧାନ, ସଦର ଫରେଷ୍ଟର ଶ୍ରବଣ ବଳିଆରସିଂ, ଶୁଭେନ୍ଦୁ ନାୟକଙ୍କ ନେତୃତ୍ୱରେ ସମସ୍ତ ବନ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

## ଜିଲାପାଳଙ୍କ ଜନଶୁଣାଣି: ଡିଏଲ୍‌ସି, ଡିଏଲ୍‌ଓ ଅନୁପସ୍ଥିତ

ନୟାଗଡ଼ ଅଫିସ,୫।୬

ନୟାଗଡ଼ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନଶୁଣାଣିରେ ୧୫୨ ଅଭିଯୋଗ ଆସିଥିଲା। ଏଥିରୁ ୯୨ ବ୍ୟକ୍ତିଗତ ଥିବାବେଳେ ୫ଟି ଗୋଷ୍ଠୀଗତ ଥିଲା। ଅନ୍ୟପକ୍ଷେ ୪୧ ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ ସାହାଯ୍ୟ ଦିଆଯାଇଥିବାବେଳେ ୭ଜଣଙ୍କୁ ରେଡକ୍ରସ ସହାୟତା ଦିଆଯାଇଛି। ୫୧ଟି ମାମଲାର ସମାଧାନ ହୋଇଛି। ଜନଶୁଣାଣିରେ



ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଜିଲାପାଳ, ଏସ୍‌ପି ଅଲେଖ ଚନ୍ଦ୍ର ପହି, ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ଉପଜିଲାପାଳ ଶକ୍ତିକାନ୍ତ ରାୟ, ତହସିଲଦାର ଭିକାରୀ ସାହୁ, ବିଡିଓ ପଦ୍ମ ଚରଣ ସାହୁ ଓ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ଅଭିଯୋଗ ଶୁଣାଣିରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ(ଡିଏଲ୍‌ସି) ଓ ଜିଲା ଶ୍ରମ ଅଧିକାରୀ(ଡିଏଲ୍‌ଓ) ଅନୁପସ୍ଥିତ ଥିବା ଦେଖିବାକୁ ମିଳିଥିଲା।

## ଜୁଆ ଆଡ୍ଡାରେ ଚଢ଼ାଉ : ୨ ପୋଲିସ ଆହତ, ୩ ଗିରଫ

**ଗୋପାଳପୁର,୫।୬(ଡି.ଏନ.ଏ.):** ଜୁଆ ଆଡ୍ଡା ଉପରେ ପୋଲିସ ଚଢ଼ାଉ କରି ୨ ପୋଲିସ କର୍ମଚାରୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ସୋମବାର ଗୋଳନ୍ଥରା ଥାନା ପୋଲିସ ୩ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଆନ୍ଧ୍ରପ୍ରଦେଶ ରାଜ୍ୟର ଶ୍ରୀକାକୁଲମ ଜିଲା ଇଚ୍ଛାପୁର ଥାନା ଅଧୀନ ପି. ପ୍ରସାଦ ରାଓ, କେ ଭିଗେନେସ ରେଡି ଓ ଝିଟିପଦର ଗାଁର ପି ମୋହନ ରେଡି। ଥାନା ଅଧୀନ ଝିଟିପଦର ଗାଁ ଜଙ୍ଗଲର କିଆବାଡ଼ରେ କିଛିଦିନ ହେଲା ଜୁଆ ଆଡ୍ଡା ଚାଲିଥିଲା। ଯଗୋଳନ୍ଥରା ପୋଲିସ ଜୁଆ ଆଡ୍ଡା ଉପରେ ଛାପା ମାରିଥିଲା। ୩ରୁ ୪ ଜଣ ଜୁଆଡ଼ି ପୋଲିସ କନଷ୍ଟେବଳ ସଞ୍ଜୀବ ଭୂୟାଁ ଓ ସୁନୀଲ ନାୟକଙ୍କୁ ଆକ୍ରମଣ କରି ଚମ୍ପଟ ମାରିଥିଲେ।

## ବିଶ୍ୱ ପରିବେଶ ଦିବସ ମାଧ୍ୟମରେ ସଚେତନତା

ରଣପୁର, ୫।୬(ସ୍ୱ.ପ୍ର.)

ପୃଥିବୀ ପୃଷ୍ଠରେ ମଣିଷ ଓ ଜୀବଜନ୍ତୁ ରହିବା ଯୋଗ୍ୟ କରିବାକୁ ହେଲେ ପ୍ରକୃତି ଏବଂ ପରିବେଶକୁ ସୁରକ୍ଷିତ ରଖିବାକୁ ପଡ଼ିବ। ଆମ ପରିବେଶ ଜୀବଜଗତକୁ ବଞ୍ଚାଇ ରଖିବା ପାଇଁ ପାଣି, ପବନ, ଖାଦ୍ୟ ଭଳି ଅନେକ ଜରୁରୀ ତତ୍ତ୍ୱ ଉପଲବ୍ଧ କରାଇଥାଏ। କିନ୍ତୁ ଏକାଧିକ ମନୁଷ୍ୟକୃତ କାରଣ ପାଇଁ ଆମ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି। ଜଳବାୟୁ ବିଗିଡ଼ିବା ସହ ବିଶ୍ୱ ତାପନ ବଢୁଛି। ସାମୁଦ୍ରିକ ପରିବେଶ ମଧ୍ୟ ନଷ୍ଟ ହେଉଛି। ଏଥିଯୋଗୁ ପ୍ରକୃତିକ ପରିବେଶ ଉପରେ ଏହାର ନକାରାତ୍ମକ ପ୍ରଭାବ ପକାଉଛି। ତେଣୁ ପରିବେଶକୁ ସୁରକ୍ଷିତ ରଖିବା ପ୍ରତିଟି ମଣିଷର କର୍ତ୍ତବ୍ୟ। ସମସ୍ତେ ଏଥିପ୍ରତି ସଚେତନ ହେବା ଜରୁରି। ଏ ନେଇ ଜନସଚେତନତା ବୃଦ୍ଧି କରିବା ପାଇ ପ୍ରତିବର୍ଷ ଜୁନ୍ ୫କୁ ବିଶ୍ୱ ପରିବେଶ ଦିବସ ରୂପେ ପାଳନ କରାଯାଉଛି। ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ନୟାଗଡ଼ ଜିଲା ରଣପୁର ଶିକ୍ଷା ବ୍ଲକର ନରସିଂହପୁର କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟରେ ବିଶ୍ୱ ପରିବେଶ



ପରିବେଶ ଦିବସରେ ଗଛ ଲଗାଯାଉଛି।

ଦିବସ ସୋମବାର ପାଳିତ ହୋଇଯାଇଛି। ଏହାସହ ନୃତ୍ୟ, ନାଟକ, ବକ୍ତୃତା ପ୍ରତିଯୋଗିତା କରାଯାଇ ପିଲାମାନଙ୍କ ମଧ୍ୟରେ ପରିବେଶ ସଚେତନତା ସୃଷ୍ଟି କରାଯାଇଛି। କୃତୀ ଛାତ୍ରୀଛାତ୍ରଙ୍କୁ ମଧ୍ୟ ପୁରସ୍କୃତ କରାଯାଇଛି। ଏହି ଅବସରରେ ଆମ୍ବ, ଅମୃତଭଣ୍ଡା, ପଣସ, କଦଳୀ ଆଦି ବୃକ୍ଷ ରୋପଣ କରାଯାଇଛି। ସିଆରସିସି ସୁଶୀଲ କୁମାର ରଣା ବିଭିନ୍ନ ବିଦ୍ୟାଳୟ ବୁଲି ଏହାର ପର୍ଯ୍ୟବେକ୍ଷଣ କରିଥିଲେ। ସେଗୁଡିକ ମଧ୍ୟରୁ ନରସିଂହପୁର ୟୁଜିଏମଇ ବିଦ୍ୟାଳୟ, ପାମ୍ପଡା ପ୍ରାଥମିକ ବିଦ୍ୟାଳୟ, ସାମନ୍ତରାୟପୁର ପ୍ରାଥମିକ ବିଦ୍ୟାଳୟ, ହଂସରା ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର କାର୍ଯ୍ୟକ୍ରମ ଅତ୍ୟନ୍ତ ସୁନ୍ଦର ହୋଇଥିଲା। ଏହାସହ ମଝିଆଖଣ୍ଡ, ଗୌରାଙ୍ଗପୁର, ରଣପୁର, ସୁନାଖଳା, କାସନ୍ଦା, ସରଙ୍ଗାଧରପୁର ଆଦି କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟରେ ମଧ୍ୟ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି।

## ଜେଲ ଗଲେ ଉଭୟ ପକ୍ଷର ୫ ଅଭିଯୁକ୍ତ

**ହରିପୁର ଗାଁରେ ଗୋଷ୍ଠୀ ସଂଘର୍ଷ ଘଟଣା**

ନୟାଗଡ ଅଫିସ,୫।୬

ହରିପୁର ଗୋଷ୍ଠୀ ସଂଘର୍ଷ ଘଟଣାରେ ଇଟାମାଟି ଥାନା ପୋଲିସ ୫ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଉଭୟ ପକ୍ଷର ସାଗର ପ୍ରଧାନ(୨୧), ଦୀପକ ପ୍ରଧାନ (୨୧), ମାନସ ପ୍ରଧାନ(୨୭), ସୋମନାଥ ପ୍ରଧାନ (୪୫), ଗୋକୁଳ ନନ୍ଦ ପଲେଇ (୪୦) ଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦେଇଛି ।

ହରିପୁର ଗାଁରେ ବିଜେଡି ଏବଂ ଭାଜପା ସମର୍ଥକଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟି ବିଜେଡି ସମର୍ଥିତ ଗଦାଧର ପ୍ରସାଦ ସରପଞ୍ଚ ଲକ୍ଷ୍ମୀଧର ପାତ୍ରଙ୍କ ସମେତ ଭାଜପା କର୍ମୀ ପ୍ରତିମା ପ୍ରଧାନ(୪୭) ରବିବାର ଗୁରୁତର ଆହତ ହୋଇଥିଲେ। ଉଭୟ ଭୁବନେଶ୍ୱରରେ ଚିକିତ୍ସିତ ହେଉଛନ୍ତି । ଗାଁରେ ୧ପ୍ଲାଟୁନ ଫୋର୍ସ ମୁତୟନ ଅଛନ୍ତି । ସରପଞ୍ଚଙ୍କ ବାପାଙ୍କ ଅଭିଯୋଗ କ୍ରମେ ପୋଲିସ ୧୩୪/୨୩ରେ ୧୦ ଜଣଙ୍କ ନାମରେ ମାମଲା ରୁଜୁ କରିଛି। ଏହି ଘଟଣାରେ ସାଗର, ଦୀପକ, ମାନସ ଓ ସୋମନାଥ ଗିରଫ ହୋଇଛନ୍ତି। ସେହିପରି ପ୍ରତିମା ପ୍ରଧାନଙ୍କ ଅଭିଯୋଗ କ୍ରମେ ପୋଲିସ ୧୩୫/୨୩ରେ ୧୦ ଜଣଙ୍କ ନାଁରେ ପାଲଟା ମାମଲା କରି କେବଳ ଗୋକୁଳ ନନ୍ଦ ପଲେଇଙ୍କୁ ଗିରଫ କରିଛି ।



ଗିରଫ ହୋଇଥିବା ୫ ଅଭିଯୁକ୍ତ।

**ସତ୍ୟକୁ ଲୁଚାଯାଉଛି**

ବିଜେଡି ଭାଜପା ଗୋଷ୍ଠୀ ସଂଘର୍ଷ ଘଟଣାରେ ଗୁରୁତର ଆହତ ହୋଇଥିବା ପ୍ରତିମା ପ୍ରଧାନ କୁହନ୍ତି, ଭାଜପାରେ ମିଶିଲୁ ବୋଲି ମୋ ପରିବାର ଉପରେ ବିପତ୍ତି ମାଡି ଆସିଛି । ଗତ ୧ ତାରିଖରେ ମୋ ପୁଅ ମାନସ ପ୍ରଧାନଙ୍କୁ ବିଜେଡିର ଅର୍ଜୁନ ପଣ୍ଡା, କୁଳମଣି ପ୍ରଧାନ, ଲିଙ୍ଗରାଜ ପାତ୍ର, ଲକ୍ଷ୍ମୀଧର ପାତ୍ର ଓ ନଣ୍ଡା ପ୍ରଧାନ ମିଳିତ ଭାବେ ଆକ୍ରମଣ କରିଥିଲେ। ମୋ ପୁଅ ଆହତ ହେବା ପରେ ଇଟାମାଟି ଥାନାରେ ଅଭିଯୋଗ ପରେ ପୋଲିସ ୧୩୧/୨୩ରେ ମାମଲା ରୁଜୁ କରିଥିଲା। ହେଲେ କାହାରିକୁ ଗିରଫ କରି ନ ଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ଆମକୁ ଦିଆଯାଇଥିବା ଧମକ ଚେତାବନୀର ଭିଡିଓ ମଧ୍ୟ ପୋଲିସକୁ ଦେଇଥିଲୁ । ହେଲେ ପୋଲିସ ଘଟଣାକୁ ଅଣଦେଖା କରି ସରପଞ୍ଚଙ୍କ ସ୍ତ୍ରୀ ବିଳାସିନୀ ପାତ୍ରଙ୍କ ଅଭିଯୋଗକୁ ନେଇ ମୋ ପୁଅ ସମେତ କେତେଜଣ ଲୋକଙ୍କ ନାଁରେ ୧୩୨/୨୩ରେ ପାଲଟା ମାମଲା କରାଇଥିଲେ । ପରେ ଧମକ ବଢ଼ି ଚାଲିଥିଲା । ୪ ତାରିଖ ପୂର୍ବାହ୍ନ ୧୦ଟାରେ ମୋ ଘରକୁ ଲକ୍ଷ୍ମୀଧର ପାତ୍ରଙ୍କ ନେତୃତ୍ୱରେ ୨୦ ଜଣ ମୋ ଇଜ୍ଜତ ସହ ଖେଳ ଖେଳି ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏପରି କି ମୋ ଘରୁ ଲୁଟ କରିବାକୁ ଆସିଥିଲେ । ଆକ୍ରମଣ ସମୟର ଭିଜୁଆଲ ଫେସବୁକ୍‌ରେ ଭାଇରାଲ ହେଉଛି । ମୋ ପୁଅ ଏ ଘଟଣା ଦେଖି ସରପଞ୍ଚଙ୍କୁ ପାଲଟା ଆକ୍ରମଣ କରି ମୋତେ ସୁରକ୍ଷା ଦେବାକୁ ଚେଷ୍ଟା କରିଥିଲା। ଘଟଣା ସ୍ଥଳରେ ସରପଞ୍ଚ ଆହତ ହୋଇଥିଲେ। ସେହି ସମୟରେ ଗାଁର ଆମ ସମର୍ଥକ ପହଞ୍ଚି ଯାଇଥିଲେ । ଏନେଇ ଅଭିଯୋଗ ପରେ ପୋଲିସ ମାମଲା କଲା । ତେବେ ଆମ ମାମଲା ଗୁରୁତ୍ୱ ପାଇଲା ନାହିଁ। ମୋ ଅଭିଯୋଗରେ ଜଣେ ଗିରଫ ହେଲେ । ସରପଞ୍ଚଙ୍କ ମାମଲାରେ ୪ ଗିରଫ ହେଲେ। ସରପଞ୍ଚ ବୋଲି କଣ ଆଇନକୁ ହାତକୁ ନେଇ ଗାଁରେ ଗଣ୍ଡଗୋଳ ଓ ମାରପିଟ୍ କରି ଅଶାନ୍ତ ସୃଷ୍ଟି କରିବେ । ଆମେ ଆଉ ଗାଁରେ ସୁରକ୍ଷିତ ନାହୁଁ । ପୋଲିସ ମଧ୍ୟ ଆମକୁ ସୁରକ୍ଷା ଦେଉନି କହି କାନ୍ଦି ପକାଇଥିଲେ। ଘଟଣାର ନିରପେକ୍ଷ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ହେଉବୋଲି କହିଛନ୍ତି ।

**କେଶରେ ଫସାଇ ପାଠପଢ଼ା ବନ୍ଦ କରାଇବାକୁ ପ୍ରୟାସ**

ହରିପୁର ଗାଁର ୩ କଲେଜ ଛାତ୍ର ଆଲୋକ ପ୍ରଧାନ (୧୮), ବବୁଲ ପ୍ରଧାନ (୧୮), ସୁକାନ୍ତ ପ୍ରଧାନ(୧୮) କୁହନ୍ତି ସରପଞ୍ଚ ଆକ୍ରମଣ ଘଟଣାରେ ଆମେ ସଂପୃକ୍ତ ନାହୁଁ । ତେବେ ଆମକୁ ଫସାଇ ଆମ ପାଠପଢ଼ାକୁ ବନ୍ଦ କରାଯିବାକୁ ଯୋଜନା ଚାଲିଛି । ଆମ୍ଭେମାନେ ଯୁକ୍ତ ୩ ୨ୟ ବର୍ଷର ଛାତ୍ର । ଆମ ନାଁରେ ମକଦ୍ଦମା ହେବା ଦ୍ୱାରା ଆମ କ୍ୟାରିୟରରେ ଦାଗ ଲାଗିବ। ଗାଁ ବିବାଦରେ ଆମକୁ ଛନ୍ଦି ଦେବା କେତେଦୂର ଠିକ ବୋଲି ପ୍ରଶ୍ନ କରିଛନ୍ତି। ଯେଉଁମାନେ ଦୋଷୀ ସେମାନେ ଦଣ୍ଡ ପାଆନ୍ତୁ ବୋଲି କହିଛନ୍ତି। ନୟାଗଡ଼ ଏସ୍‌ପି ଓ ଜିଲାପାଳ ଏହାର ତଦନ୍ତ କରି ପ୍ରକୃତ ଘଟଣା ର ରହସ୍ୟ ଉନ୍ମୋଚନ କରନ୍ତୁ । ଏନେଇ ଆଇଆଇସି ଦୀପକ ଖଣ୍ଡାୟତ କୁହନ୍ତି, ହରିପୁରରେ ଶାନ୍ତିପ୍ରତିଷ୍ଠା ପାଇଁ ଉଦ୍ୟମ ଚାଲିଛି । ଗାଁରେ ପାଲିସ ମୁତୟନ ଅଛନ୍ତି । ଅଭିଯୁକ୍ତଙ୍କୁ ଗିରଫ କରାଯାଉଛି। ଗିରଫଦାରୀ ଜାରି ରହିଛି ବୋଲି କହିଛନ୍ତି।

# ମହାନଦୀ ଜଳକୁ ନେଇ ଆଶଙ୍କାରେ ଜିଲାବାସୀ

■ ଜିଲାର କୃଷି ଓ ପାନୀୟ ଜଳ ପ୍ରଭାବିତ ହେବ

■ ଚିତ୍ରୋତ୍ପଳା ସମେତ ବହୁ କେନାଲକୁ ମିଳିବନି ପାଣି

କେନ୍ଦ୍ରାପଡ଼ା ଅଫିସ, ୫।୬

ମହାନଦୀ ଜଳ ବିବାଦର ସମାଧାନ ପାଇଁ ନିକଟରେ ଏକ ଟ୍ରିବ୍ୟୁନାଲ ସଦସ୍ୟ ଟିମ୍ ଓଡ଼ିଶା ଗସ୍ତ ସାରିଛନ୍ତି। ଏହି ଟିମ୍‌ର ରିପୋର୍ଟ ଉପରେ ବିବାଦର ସମାଧାନ ହେବ ବୋଲି ଆଶା ରହିଛି। ତେବେ ଏହି ଗସ୍ତ କାର୍ଯ୍ୟକ୍ରମରେ ଟିମ୍ ସଦସ୍ୟମାନେ କେନ୍ଦ୍ରାପଡ଼ା ଜିଲାକୁ ଆସିନାହାନ୍ତି। ମହାନଦୀର ତଳମୁଣ୍ଡରେ ଥିବା କେନ୍ଦ୍ରାପଡ଼ା ଜିଲା ଏହାର ଜଳକୁ ବହୁଳ ଭାବେ ବ୍ୟବହାର କରୁଥିଲେ ମଧ୍ୟ ତନଖ୍ୱରେ ଜିଲା ନ ରହିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅପରପକ୍ଷରେ ଛତିଶଗଡ଼ଠାରେ ନଦୀରେ ବନ୍ଧ ନିର୍ମାଣ ହେବା ଦ୍ୱାରା ଜିଲାର କୃଷି ଓ ପାନୀୟ ଜଳ ପ୍ରଭାବିତ ହେବ ବୋଲି ସ୍ଥାନୀୟ ଜିଲାବାସୀ ମତ ଦେଇଛନ୍ତି।

ଏ ସମ୍ପର୍କରେ ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ କହିଛନ୍ତି, ମହାନଦୀର ଜଳଧାରା କେନ୍ଦ୍ରାପଡ଼ା ଜିଲାର ଉପାନ୍ତ ବ୍ଲକ ମହାକାଳପଡ଼ାର ମହାନଙ୍ଗଳଠାରୁ ମାତ୍ର ୧୦ କିଲୋମିଟର ପ୍ରବାହିତ ହୋଇ ଗଡ଼ରୋମିତ ପର୍ଯ୍ୟନ୍ତ ଲମ୍ବିଛି। ଏଥିସହ କଟକ ଜିଲା ଗୁଆଳନାଶୀଠାରୁ ଜିଲାରେ ପ୍ରବାହିତ ଚିତ୍ରୋତ୍ପଳା ନଦୀ ମହାନଦୀଠାରୁ ଜଳ ଗ୍ରହଣ କରୁଛି। ଚିତ୍ରୋତ୍ପଳା ନଦୀରୁ ଲୁଣାନଦୀ ବରପଦାଠାରେ ସୃଷ୍ଟି ହୋଇଛି। ସେହିପରି ଜଗତପୁରର ତେଣ୍ଡାକୁଡାଠାରେ ପାଇକା ନଦୀ ଓ ଚୌଦ୍ୱାର ନିକଟରେ ବିରୂପା ନଦୀ ମହାନଦୀର ଜଳ ଗ୍ରହଣ କରି ପୂର୍ଣ୍ଣଗର୍ଭା ହୋଇଛନ୍ତି। ଜଗତପୁର ବ୍ୟାରେଜ୍ ନିକଟରେ କେନ୍ଦ୍ରାପଡ଼ା କେନାଲ ସୃଷ୍ଟି କରାଯାଇ ମହାନଦୀର ଜଳକୁ ଜିଲାରେ ପ୍ରବାହିତ ଗୋବରୀ କେନାଲ, ପଟ୍ଟାମୁଣ୍ଡାଇ କେନାଲ ଓ ଗୋବରୀ ସମ୍ପ୍ରସାରିତ କେନାଲକୁ ଛଡ଼ାଯାଇଥାଏ। ଫଳରେ ମହାନଦୀର ଜଳକୁ ଭିତ୍ତିକରି ଜିଲାର ୪୧,୬୮୧ ହେକ୍ଟର କ୍ଷେତରେ ଚାଷ ହେଉଛି। ଏଥିସହ ଲୁଣାଞ୍ଚଳ ଭାବେ ପରିଚିତ ରାଜନଗର, ମହାକାଳପଡ଼ା ବ୍ଲକ ସମେତ କେନ୍ଦ୍ରାପଡ଼ା ସହରବାସୀ ଏହାର ମଧୁର ଜଳକୁ ପାନୀୟ ଭାବେ ବ୍ୟବହାର କରୁଛନ୍ତି। ଆଗାମୀ ଦିନରେ ୨ଟି ମେଗା ପାନୀୟଜଳ ପ୍ରକଳ୍ପ ସହିତ ଆଖଡ଼ାଶାଳି ନିକଟରେ ଦେଶର ପ୍ରଥମ ନଦୀଭିତ୍ତିକ ବନ୍ଦର ନିର୍ମାଣ ଯୋଜନା ରହିଛି। ଉପରମୁଣ୍ଡରେ ମହାନଦୀର ଜଳ ପ୍ରବାହ କମିଲେ ତଳମୁଣ୍ଡରେ ଥିବା କେନ୍ଦ୍ରାପଡ଼ା ଜିଲା ବିଶେଷ ଭାବେ କ୍ଷତିଗ୍ରସ୍ତ ହେବ। ଏ ସମ୍ପର୍କରେ ପୂର୍ବତନ କାଉନ୍‌ସିଲର ହିରଣ୍ୟ କୁମାର ପଣ୍ଡା କହିଛନ୍ତି, ମହାନଦୀର ଜଳକୁ ଛତିଶଗଡ଼ ସରକାର ଏକଚାଟିଆ ଭାବେ ବ୍ୟବହାର କରିବା ପାଇଁ ଚାହୁଁଛନ୍ତି। ସେଠାରେ ନଦୀରେ ବନ୍ଧ ନିର୍ମାଣ ହେଲେ ରାଜ୍ୟର ବିଦ୍ୟୁତ୍ ଉତ୍ପାଦନ, କୃଷି ଓ ପାନୀୟଜଳ ପ୍ରଭାବିତ ହେବ। ଏପରି କି ଏହାର ପ୍ରଭାବ ଯୋଜନାରେ ଥିବା ଆଖଡ଼ାଶାଳି ବନ୍ଦର ଉପରେ ପଡ଼ିବ। ସଂଘୀୟ ବ୍ୟବସ୍ଥାରେ ଦେଶ ଚାଲୁଥିବା ବେଳେ ରାଜ୍ୟଗୁଡ଼ିକ ମଧ୍ୟରେ ବିବାଦ ଆଦୌ ସମୀଚୀନ ନୁହେଁ। ବିବାଦର ଅନ୍ତ ପାଇଁ ସମସ୍ତ ରାଜନୈତିକ ଦଳ ଏକାଠି ହୋଇ ରାଜ୍ୟ ସ୍ୱାର୍ଥ ପାଇଁ ସ୍ୱର ଉଠାଇବା ଆବଶ୍ୟକ। ପାଟକୁରା ଆଞ୍ଚଳିକ ବିକାଶ କମିଟି ସଭାପତି ସେକ୍ ଫଜରୁଲ ହକ୍ କହିଛନ୍ତି, କଟକ ଜିଲାର ଗୁଆଳିନାଶୀଠାରେ ମହାନଦୀରୁ ଚିତ୍ରୋତ୍ପଳା ସୃଷ୍ଟି ହୋଇଛି। କେନ୍ଦ୍ରାପଡ଼ା ଜିଲାର ମହମ୍ମଦପୁରରୁ କୁଆଁରପୁର ପର୍ଯ୍ୟନ୍ତ ୩୬ କିଲୋମିଟର ବ୍ୟାପିଛି। ଏହାର ଅବବାହିକାରେ ହେଉଥିବା ପନିପରିବାଠାରୁ ଆରମ୍ଭକରି ଧାନ ଫସଲରେ ଏହି ଜଳକୁ ଚାଷୀ ବ୍ୟବହାର କରିଥାନ୍ତି। ସ୍ଥାନୀୟ ଅଧିବାସୀଙ୍କ ଦୈନନ୍ଦିନ ଜୀବନରେ ଚିତ୍ରୋତ୍ପଳା ନଦୀ ବହୁ କାର୍ଯ୍ୟରେ ଆସୁଛି। ମହାନଦୀର ଜଳଧାରା କମିଲେ ଚିତ୍ରୋତ୍ପଳା ମରିଯିବ। ଫଳରେ ଜନଜୀବନ ବିପର୍ଯ୍ୟସ୍ତ ହେବ। କୃଷକନେତା ବିଜୟ କୁମାର ପରିଡ଼ା କହିଛନ୍ତି, ମହାନଦୀ ଜଳ ବିବାଦ ଶୀଘ୍ର ସମାଧାନ ହେବା ଆବଶ୍ୟକ। ସମାଧାନ ବିଳମ୍ବ ହେଲେ କେନ୍ଦ୍ରାପଡ଼ା ଜିଲାର ଜନଜୀବନ ପ୍ରଭାବିତ ହେବ। କୃଷି, ପାନୀୟ ଜଳ ସହିତ ପରିବେଶ ନଷ୍ଟ ହେବ। ଜିଲାର ବିଭିନ୍ନ ନଦୀ ଓ କେନାଲକୁ ମହାନଦୀ ପାଣି ଯୋଗାଉଛି। ଏହାର ଜଳଧାରା ବନ୍ଦ ହେଲେ ବହୁ ଅଞ୍ଚଳ ଖୁବ୍‌ଶୀଘ୍ର ଲୁଣା ପାଲଟିବ। ଏହି ବିବାଦକୁ ରାଜନୀତୀକରଣ କରା ନ ଯାଇ ଓଡ଼ିଶାର ସ୍ୱାର୍ଥ ପାଇଁ ରାଜନୈତିକ ଦଳ ସମେତ ସ୍ଥାନୀୟ ଶିକ୍ଷାବିତ୍, ବୁଦ୍ଧିଜୀବୀମାନେ ସ୍ୱର ଉଠାନ୍ତୁ ବୋଲି ସେ ମତ ଦେଇଛନ୍ତି।



ମହାକାଳପଡ଼ାରେ ମହାନଦୀ।

# ସପ୍ତାହକ ପରେ ସାମୁଦ୍ରିକ କଟକଣା ହଟିବ

■ ସ୍ୱାଭାବିକ ହେବ ଡଙ୍ଗା, ଟ୍ରଲର ଚଳାଚଳ

■ ମତ୍ସ୍ୟଜୀବୀ ଜାଲ ମରାମତି କରି ଚଲାଇଛନ୍ତି ପ୍ରସ୍ତୁତି

■ ଜୀବିକା ନିର୍ବାହ ପ୍ରୋତ୍ସାହନ ରାଶି ମିଳୁନି

ମହାକାଳପଡ଼ା,୫।୬ (ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ବିଦେଶାଗତ ଅତିଥି ଅଲିଭ ରିଡ଼ଲେ କଇଁଛଙ୍କ ସାମୂହିକ ଅଣ୍ଡାଦାନ ଓ ବଂଶ ବିସ୍ତାର ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଏଥିପାଇଁ ନଭେମ୍ବର ୧ରୁ ଜୁନ୍ ୧୫ ପର୍ଯ୍ୟନ୍ତ ସାମୁଦ୍ରିକ ପ୍ରବେଶ ଉପରେ କଟକଣା ସରକାରଙ୍କ ପକ୍ଷରୁ ଜାରି କରାଯାଇଥାଏ। ଏହି ସମୟରେ ଅଲିଭ ରିଡ଼ଲେ କଇଁଛଙ୍କ ସୁରକ୍ଷା ଦୃଷ୍ଟିରୁ ସ୍ଥାନୀୟ ପାରମ୍ପରିକ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରରେ ମାଛ ଧରିବାକୁ ବାରଣ କରାଯାଇଛି। ତେବେ ଏହି ସାଢ଼େ ୭ ମାସ ବାରଣ ସମୟରେ ସ୍ଥାନୀୟ ମତ୍ସ୍ୟଜୀବୀମାନଙ୍କୁ ଆର୍ଥିକ ଥଇଥାନ ଓ ବିକଳ୍ପ ଜୀବିକା ନିର୍ବାହ ପାଇଁ ପ୍ରତି ମତ୍ସ୍ୟଜୀବୀଙ୍କୁ ୭୫୦୦ ଟଙ୍କା ପ୍ରଦାନ କରାଯାଇଥାଏ। ଫଳରେ ସ୍ଥାନୀୟ ପାରମ୍ପାରିକ କେତେଜଣ ମତ୍ସ୍ୟଜୀବୀଙ୍କ ପରିବାର ପ୍ରତିପୋଷଣ ପାଇଁ ଏହି ସହାୟତା ରାଶି ଅଦ୍ୟାବଧି ମିଳି ନ ଥିବା ଅଭିଯୋଗ କରିଛନ୍ତି। ସାମୁଦ୍ରିକ ମତ୍ସ୍ୟ ବିଭାଗ ପକ୍ଷରୁ ଅଦ୍ୟାବଧି ଆର୍ଥିକ ରାଶି ପ୍ରଦାନ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବାରୁ ଏହି ପରିବାର ସବୁ ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି ବୋଲି ମତ୍ସ୍ୟଜୀବୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅପରପକ୍ଷରେ ସାମୁଦ୍ରିକ ମତ୍ସ୍ୟ ବିଭାଗ ଚିହ୍ନଟ କରାଯାଇଥିବା ୩,୪୪୪ ମତ୍ସ୍ୟଜୀବୀଙ୍କ ବ୍ୟାଙ୍କ ଖାତାକୁ ମାର୍ଚ୍ଚରେ କେବଳ ୧୦ ଟଙ୍କା ପରୀକ୍ଷା ମୂଳକ ଭାବେ ପ୍ରଦାନ କରାଯାଇଛି ବୋଲି ମହାକାଳପଡ଼ା ସାମୁଦ୍ରିକ ମତ୍ସ୍ୟ ବିଭାଗ ସହକାରୀ ଅଧିକାରୀ କହିଛନ୍ତି।

ସୂଚନାଯୋଗ୍ୟ, ଏପ୍ରିଲ ୧୫ଠାରୁ ଜୁନ୍ ୧୫ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟରେ ବିଭିନ୍ନ ମାଛ ଓ ଜୀବଜନ୍ତୁମାନେ ଅଣ୍ଡାଦାନ ବା ଯାଆଁଳ ଫୁଟାଇ ଥାନ୍ତି। ସେଥିପାଇଁ ଏହି ଜୁନ ଦ୍ୱିତୀୟ ସପ୍ତାହ ପର୍ଯ୍ୟନ୍ତ ସାମୁଦ୍ରିକ ପ୍ରବେଶ କଟକଣା ଜାରି କରାଯାଇଛି ବୋଲି ବନ ଓ ସାମୁଦ୍ରିକ ମତ୍ସ୍ୟ ବିଭାଗ ସୂତ୍ରରୁ ପ୍ରକାଶ। କେନ୍ଦ୍ରାପଡା ଜିଲ୍ଲା ମହାକାଳପଡ଼ା ବ୍ଲକ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳଗୁଡ଼ିକ ନଦୀ ନାଳ ଓ ସାମୁଦ୍ରିକ କଟକଣା ରହିଛି ବିଭାଗ ପକ୍ଷରୁ ସୂଚନା ମିଳିଛି। ସେହିପରି ସାମୁଦ୍ରିକ କଟକଣା ଲାଗୁ ହେବା ପରେ ଏହି ଅଞ୍ଚଳର ପାରମ୍ପରିକ ମତ୍ସ୍ୟଜୀବୀମାନେ ବାଧ୍ୟ ହୋଇ ଦାଦନ ଖଟିବାକୁ ରାଜ୍ୟ ତଥା ରାଜ୍ୟ ବାହାରକୁ ଯାଇଛନ୍ତି। ଆଉ କେତେଜଣ ମତ୍ସ୍ୟଜୀବୀ ସାମୁଦ୍ରିକ କଟକଣା ହଟିବା ପରେ ସମୁଦ୍ରକୁ ମାଛ ଧରିବା ପାଇଁ ଯିବା ପୂର୍ବରୁ ଖରିନାସୀ ଜେଟିଠାରେ ଜାଲ ଗୁଡ଼ିକୁ ମରାମତି କରୁଥିବା ଦେଖିବାକୁ ମିଳିଛି। ଏହି ପାରମ୍ପରିକ ମତ୍ସ୍ୟଜୀବୀମାନଙ୍କୁ ସାମୁଦ୍ରିକ କଟକଣା ଲାଗୁ ହେବା ପରେ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଉ ନ ଥିବା ଖରୀନାସୀ ଗ୍ରାମର ଚିତ୍ତରଞ୍ଜନ ରାୟ, ପବିତ୍ର ଦାସ, ସଞ୍ଜୟ ସରକାର, ବିପ୍ଳବ ମଣ୍ଡଳ, ଦିଲୀପ ଦାସ, ଦେବବ୍ରତ ହାଲଦାର୍ ଘୋର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ମହାକାଳପଡ଼ା ସାମୁଦ୍ରିକ ମତ୍ସ୍ୟ ବିଭାଗ ସହକାରୀ ଅଧିକାରୀ ଦୀପକ କୁମାର ମଲିକଙ୍କୁ ପଚାରିବାରେ ବିଭାଗ ପକ୍ଷରୁ ଅଦ୍ୟାବଧି ଓଡ଼ିଶାର କୌଣସି ମତ୍ସଜୀବୀଙ୍କୁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇନାହିଁ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଆସିଲେ ଏହି ମତ୍ସ୍ୟଜୀବୀମାନଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।



କଟକଣା ଯୋଗୁ ଖରିନାସୀ ଜେଟିରେ ଥିବା ଡଙ୍ଗା ଓ ଟ୍ରଲର।

## ଅଚିହ୍ନା ବୃଦ୍ଧଙ୍କୁ ନଦୀରୁ ଉଦ୍ଧାର

ରାଜନଗର, ୫।୬(ଡି.ଏନ.ଏ.):

ରାଜନଗରରେ ପ୍ରବାହିତ ଚିରସ୍ରୋତା ହଂସୁଆ ନଦୀର ସ୍ରୋତରେ ସୋମବାର ସକାଳ ୯ଟାରେ ଜଣେ ଅଚିହ୍ନା ବୃଦ୍ଧ ଭାସି ଯାଉଥିଲେ। ନଦୀ କୂଳରେ ଥିବା ବାଲିସାହିପାଟଣା ଅନ୍ତର୍ଗତ ପଦିନୀ ଗାଁର ବିଜୟ ରାଉତ, ଫକୀର ରାଉତ, ଗୌତମ ଦାସ, ଦୀପକ ରାଉଳ ପ୍ରମୁଖ ଏକ ହୁଲି ଡଙ୍ଗା ସାହାଯ୍ୟରେ ପ୍ରଖର ସ୍ରୋତରୁ ଅଚିହ୍ନା ବୃଦ୍ଧଙ୍କୁ ଉଦ୍ଧାର କରିଥିଲେ। ପରେ ରାଜନଗର ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ ଅଚିହ୍ନା ବୃଦ୍ଧ ଜଣଙ୍କ ସୁସ୍ଥ ଅଛନ୍ତି। ମାତ୍ର ତାଙ୍କର ଠିକଣା ଜଣାଉ ନ ଥିବାରୁ ପୋଲିସ ଏବଂ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀମାନେ ଅଡୁଆରେ ପଡ଼ିଛନ୍ତି। ବୃଦ୍ଧଙ୍କର ଅନୁମାନିକ ବୟସ ୭୦ରୁ ଉର୍ଦ୍ଧ୍ୱ ହେବ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମୀ ରଞ୍ଜନ ମହାନ୍ତି କହିଛନ୍ତି, ବୃଦ୍ଧ ଜଣଙ୍କ ପରିଚୟ ମିଳି ନ ଥିବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବାର ବ୍ୟବସ୍ଥା ହେଉଛି।



ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅଜିତ



@ ସତ୍ୟବ୍ରତ



@ ସ୍ୱାଗତ



@ ସଙ୍ଗୀତା



@ ମମତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଶୌଚ ସମୟରେ ଯୋରରେ ବୁଡ଼ି ବୃଦ୍ଧ ମୃତ

ଆଳି,୫।୬(ଡି.ଏନ.ଏ.)

ଆଳି ଥାନା ଅନ୍ତର୍ଗତ କଳଦିଆ ଗ୍ରାମରେ ଜଣେ ବ୍ୟକ୍ତି ସୋମବାର ସକାଳେ ଶୌଚ ନିମନ୍ତେ ଯୋରକୁ ଯାଇଥିବା ବେଳେ ବୁଡ଼ିଯାଇଥିଲେ। ସନ୍ଧ୍ୟାରେ ତାଙ୍କ ମୃତଦେହ ଉଦ୍ଧାର ହୋଇଛି। ସୂଚନା ମୁତାବକ, କଳଦିଆ ଗ୍ରାମର ନିରାକାର ବାରିକ(୭୭) ପୂର୍ବାହ୍ନ ୧୧ଟାରେ ଶୌଚ ହେବା ପାଇଁ ଘରୁ ବାହାରି ଯାଇଥିଲେ। ହେଲେ ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଓ ଗ୍ରାମବାସୀ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ଅପରାହ୍ନ ୫ଟା ବେଳେ ଯୋରରେ ପଡ଼ିଥିବା ଖବରପାଇ ପରିବାର ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। ପରେ ଆମ୍ବୁଲାନ୍ସ ଯୋଗେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଓ ତହସିଲଦାରଙ୍କୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ନିରାକାର ଦୀର୍ଘଦିନ ଧରି ଅଞ୍ଚଳର ଅନେକ ପରିବାରକୁ ସେବା ଯୋଗାଇ ଆସୁଥିବାରୁ ସେ ଜଣେ ସେବକ ରୂପେ ପରିଚିତ ଥିଲେ।

# ଆଗ ଲାଭ, ପରେ ନିରାପଦ ବ୍ୟବସ୍ଥା

## ଗ୍ରାମ୍ୟ ନିର୍ମାଣ ବିଭାଗ

■ ବଢ଼ୁଛି ଦୁର୍ଘଟଣା, ପତ୍ରରେ ସୀମିତ ପଦକ୍ଷେପ

■ ଫରକ ପଡ଼ିଲାନି କାରଣ ଦର୍ଶାଅ ନୋଟିସ

ଯାଜପୁର ଅଫିସ,୫।୬

କମିଶନୀ କାରବାର ସହ ପ୍ରଚୁର ଲାଭ ମିଳୁଥିବା ରାସ୍ତା ନିର୍ମାଣ କାର୍ଯ୍ୟକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। କିନ୍ତୁ ଜନଜୀବନର ସୁରକ୍ଷା ଏବଂ ନିରାପଦ ଗମନାଗମନ କାର୍ଯ୍ୟ କରିବାକୁ ଉଚ୍ଚ କର୍ତ୍ତୃପକ୍ଷ ଯେତେ ପତ୍ର ଲେଖିଲେ ବି ଫାଇଲ ତଳେ ଚାପି ଦିଆଯାଉଛି। ଏଭଳି ଏକ ଉଦାହରଣ ଦେଖିବାକୁ ମିଳିଛି ଗ୍ରାମ୍ୟ ନିର୍ମାଣ ବିଭାଗରେ। ଗ୍ରାମାଞ୍ଚଳ ରାସ୍ତା ସହ ଜାତୀୟ ଓ ରାଜ୍ୟ ରାଜପଥକୁ ସଂଯୋଗ କରୁଥିବା ଛକ(କ୍ରିଟିକାଲ ଜଙ୍କଶନ) ସ୍ଥାନଗୁଡ଼ିକ ଚିହ୍ନଟ ଏବଂ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଗତ ୨ ବର୍ଷ ମଧ୍ୟରେ ୫ ଥର ବିଭାଗୀୟ ନିର୍ଦ୍ଦେଶ ହୋଇଛି। ହେଲେ ଗ୍ରାମ୍ୟ ନିର୍ମାଣ ବିଭାଗର ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ଓ ନିର୍ବାହୀ ଯନ୍ତ୍ରୀମାନେ ଉଚ୍ଚପଦସ୍ଥ ଅଧିକାରୀଙ୍କ ଏହି ନିର୍ଦ୍ଦେଶକୁ ଆଦୌ ଖାତିର କରୁନାହାନ୍ତି। ଫଳରେ ଛକସ୍ଥାନଗୁଡ଼ିକ ଅତି ବିପଦାପନ୍ନ ହୋଇଥିବା ଦେଖିବାକୁ ମିଳିଛି। ଏହିକ୍ରମରେ ୨୦୨୧ ଅକ୍ଟୋବରରେ ୪୮ ଜଣ ନିର୍ବାହୀ ଯନ୍ତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ ପରେ ବି କିଛି ଫରକ ପଡ଼ିନାହିଁ। ଏଥିଯୋଗୁ ଦୁର୍ଘଟଣା ମୃତ୍ୟୁ ହାର କମିବା ପରିବର୍ତ୍ତେ ଆହୁରି ବଢ଼ିବାରେ ଲାଗିଛି। ତେଣୁ ଗ୍ରାମ୍ୟ ନିର୍ମାଣ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଡିଜାଇନ ଓ କ୍ୱାଲିଟି କଣ୍ଟ୍ରୋଲର ଚିଫ୍ ଇଞ୍ଜିନିୟର ୧୦।୬।୨୦୨୩ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି।

ରାଜ୍ୟରେ ଦୁର୍ଘଟଣାଜନିତ ମୃତ୍ୟୁ ହାର ବୃଦ୍ଧି ପାଇବାରେ ଲାଗିଛି। ଫଳରେ ସଡ଼କ ସୁରକ୍ଷାରେ ସୁପ୍ରିମକୋର୍ଟ କମିଟି ୫୦ ପ୍ରତିଶତ ଦୁର୍ଘଟଣାଜନିତ ମୃତ୍ୟୁ ହ୍ରାସ କରିବାକୁ ନିର୍ଦ୍ଦେଶ ଦେଇ ଆସୁଛନ୍ତି। ଏହିକ୍ରମରେ ଆର୍‌ଡି ବିଭାଗ ଅଧିକାରୀମାନଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଗ୍ରାମ୍ୟ ରାସ୍ତାଗୁଡ଼ିକର ଛକ ଓ ଦୁର୍ଘଟଣାପ୍ରବଣ ସ୍ଥାନ ଚିହ୍ନଟ କରି ସାଇନ ବୋର୍ଡ ଲଗାଇବା, ରେଜ୍ ପେଭମେଣ୍ଟ ମାର୍କର(ଆର୍‌ପିଏମ୍), ରୋଡ୍ ମାର୍କିଂ, ଷ୍ଟ୍ରିଟ୍ ଲାଇଟ୍, ପ୍ରପର ସାଇଟ୍ ଡିସ୍‌ଟାନ୍ସ, ରମ୍ବଲ ଷ୍ଟ୍ରିପ୍ସ, ଷ୍ଟପ୍ ସାଇନବୋର୍ଡ ପ୍ରଭୃତି ଉପରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଉଛି। ହେଲେ ଅଧିକ କମିଶନୀ ରହିଥିବା ନିର୍ମାଣ ଉପରେ ଗୁରୁତ୍ୱ ଦେବାକୁ ଯାଇ ସମ୍ପୃକ୍ତ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀମାନେ ଜୀବନ ରକ୍ଷାକାରୀ ବିଭାଗୀୟ ଉକ୍ତ ନିର୍ଦ୍ଦେଶକୁ ଆଦୌ ପ୍ରାଧାନ୍ୟ ଦେଉ ନ ଥିବା ଚର୍ଚ୍ଚା ହେଉଛି। ଏଠାରେ ଯାଜପୁର ଜିଲା ପାଣିକୋଇଲି-ରାଜାମୁଣ୍ଡା ୨୦ ନମ୍ବର ଜାତୀୟ ରାଜପଥର ରଗଡି ଛକକୁ ଉଦାହରଣ ଭାବେ ନିଆଯାଇପାରେ। ଏହି ଛକ ଜାତୀୟ ରାଜପଥର ଗଳି ପୋଲ ତଳେ ରହିଛି। ଗୋଟିଏ ପାର୍ଶ୍ୱରେ ଗ୍ରାମ୍ୟ ନିର୍ମାଣ ବିଭାଗର କୋରାବନ୍ଦୀ ଏବଂ ଅନ୍ୟ ପାର୍ଶ୍ୱରେ ପୂର୍ତ୍ତ ବିଭାଗର କୋରେଇକୁ ରାସ୍ତା ଯାଇଛି। ହେଲେ କୋରାବନ୍ଦୀ ପାର୍ଶ୍ୱ ଛକ ଓ ରାସ୍ତା ଖାଲଖମାରେ ଭର୍ତ୍ତି ରହିଥିବାବେଳେ ସଡ଼କ ସୁରକ୍ଷା ଅନୁସାରେ କୌଣସି ନୀତିନିୟମକୁ ପାଳନ କରାଯାଇ ନାହିଁ। ନିରାପଦ ଗମନାଗମନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ବରଂ ଅଣଓସାରିଆ ଓ ଖାଲଢ଼ିପରେ ପରିପୂର୍ଣ୍ଣ ରାସ୍ତାରେ ଅଞ୍ଚଳବାସୀ ଯିବାଆସିବା କରୁଛନ୍ତି। ଏହି ଛକ ନିକଟରେ ସରକାରୀ ପଲିଟେକ୍ନିକ କଲେଜ ରହିଛି। ତେଣୁ କଲେଜର ଛାତ୍ରୀଛାତ୍ରଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ ଗ୍ରାମର ବାସିନ୍ଦା ଏହି ଛକ ଉପରେ ନିର୍ଭର କରିଥାନ୍ତି। ଫଳରେ ବହୁ ସମୟରେ ଏହି ଛକରେ ଛୋଟବଡ଼ ଦୁର୍ଘଟଣା ହେଉଥିବା ନଜିର ରହିଛି। କିନ୍ତୁ ଯାଜପୁର ଗ୍ରାମ୍ୟ ନିର୍ମାଣ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ଏହି ବିପଦ ଦେଖାଯାଉ ନାହିଁ ବୋଲି ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଯାଜପୁର ଗ୍ରାମ୍ୟ ନିର୍ମାଣ ବିଭାଜନର ନିର୍ବାହୀ ଯନ୍ତ୍ରୀ ଜ୍ଞାନରଞ୍ଜନ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ବିଭାଗ ପକ୍ଷରୁ କ୍ରିଟିକାଲ ଛକସ୍ଥାନଗୁଡ଼ିକର ତଥ୍ୟ ମଗାଯାଇଥିଲା। କିନ୍ତୁ ଏଯାଏ କୌଣସି ପ୍ରକାର କାର୍ଯ୍ୟକାରୀ ହୋଇନାହିଁ।



ରଗଡ଼ି ଛକଠାରୁ କୋରାବନ୍ଦୀ ଆର୍‌ଡି ରାସ୍ତାର ଦୁରବସ୍ଥା।

# ପରିବେଶ ଦିବସରୁ ପ୍ଲାଷ୍ଟିକ ଉପକରଣ ବର୍ଜନ


ଜାମୁସାହିରେ ପ୍ଲାଷ୍ଟିକ ଉପକରଣ ବର୍ଜନ ପାଇଁ ମହିଳାମାନେ ଶପଥ ନେଉଛନ୍ତି।


ମହିଳାମାନେ ପତର ଠୁଙ୍ଗାରେ ପାଣି ପିଉଛନ୍ତି।

■ ପତର ଠୁଙ୍ଗାରେ ପିଇଲେ ପାନୀୟଜଳ
■ ଠେଙ୍ଗାପାଳିରେ ଜଙ୍ଗଲ ସୁରକ୍ଷା କରୁଛନ୍ତି ଆଦିବାସୀ

**ନୟାଗଡ଼ ଅଫିସ,୫।୬**

ପରିବେଶ ଦିବସରେ ପ୍ଲାଷ୍ଟିକ ଉପକରଣ ବର୍ଜନ କରିବାକୁ ଶପଥ ନେଲେ ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ନଛିପୁର ପଞ୍ଚାୟତ ଜାମୁସାହିର ଆଦିବାସୀମାନେ। ଏପରିକି ପତର ଠୁଙ୍ଗାରେ ପାଣି ପିଇ ପ୍ଲାଷ୍ଟିକ ବର୍ଜନ ଆରମ୍ଭ କରିଛନ୍ତି। ୨୦୦୩ରୁ ଜାମୁସାହିର ଆଦିବାସୀ ମହିଳା ଦଣ୍ଡା ମୁଣ୍ଡିଆ, ସୁଡୁରିଆ, ଗେଣ୍ଡା ମୁଣ୍ଡିଆଙ୍କୁ ମା' କଳାପାଟ ଗୋଷ୍ଠୀ ଜଙ୍ଗଲ ପରିଚାଳନା ଅଧିକାର କମିଟି ଗଠନ କରି ଠେଙ୍ଗାପାଳିରେ ଜଙ୍ଗଲ ସୁରକ୍ଷା କରି ଆସୁଛନ୍ତି। ଏ ନେଇ ଜାମୁସାହିର ଲକ୍ଷ୍ମୀ ଜାନୀ କୁହନ୍ତି, ଆଦିବାସୀ ହୋଇଥିଲେ ହେଁ ବିବାହ, ପୂଜା ପାର୍ବଣରେ ପ୍ଲାଷ୍ଟିକ ଉପକରଣ ବ୍ୟବହାର କରି ଆସୁଥିଲୁ। ପରିବେଶ ପାଇଁ ପ୍ଲାଷ୍ଟିକର ଭୟାବହତା ବୁଝିପାରି ପ୍ଲାଷ୍ଟିକ ଉପକରଣ ବିଶ୍ୱ ପରିବେଶ ଦିବସ ପାଳନ କରି ବର୍ଜନ କରିଛୁ। ଭୋଜିଭାତ ଓ ପୂଜା ପାଠ ସମୟରେ ପ୍ଲାଷ୍ଟିକ ଗ୍ଲାସ, ପାଏସ ଖାଇବା ପାଇଁ ପ୍ଲାଷ୍ଟିକ ଠୁଙ୍ଗା ବ୍ୟବହାର କରୁଥିଲୁ। ଏହା ଆଉ ନ କରି ପତର ଉପକରଣ ବ୍ୟବହାର କରିବୁ ବୋଲି କହିଛନ୍ତି।

**ପ୍ଲାଷ୍ଟିକ ଉପକରଣ ବର୍ଜନ ପାଇଁ ଆହ୍ୱାନ**

ନୟାଗଡ଼ ବନଖଣ୍ଡ ପକ୍ଷରୁ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ବିଶ୍ୱ ପରିବେଶ ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ପରିବେଶବିତ୍ ସାବରମତି କହିଛନ୍ତି, ପ୍ଲାଷ୍ଟିକ ଉପକରଣ ବ୍ୟବହାର ନ କରିବାକୁ ଆମେ ସଚେତନତା କରୁଛେ। ହେଲେ ପ୍ରତି ସରକାରୀ ବୈଠକରେ ଅଧିକାଂଶ ପ୍ଲାଷ୍ଟିକ ଉପକରଣ ବ୍ୟବହାର କରାଯାଉଛି। ଯାହାର ଉଦାହରଣ ବିଶ୍ୱ ପରିବେଶ ଦିବସରେ ପ୍ଲାଷ୍ଟିକ ବୋତଲରେ ପାନୀୟ ଜଳ ବଣ୍ଟନର ଉଦହରଣ ଦେଇଥିଲେ। ଏଣୁ ଆମେ ପରିବର୍ତ୍ତନ ହେବାକୁ ପଡ଼ିବ ବୋଲି ସେ କହିଥିଲେ। ସାବରମତିଙ୍କ ଆହ୍ୱାନ କେତେଦୂର କାର୍ଯ୍ୟକାରୀ ହେଉଛି ଭିନ୍ନକଥା, ହେଲେ ଧୀରେ ଧୀରେ ଏହା ପରିବର୍ତ୍ତନ ହେବ ବୋଲି ଡିଏଫ୍ଓ କ୍ଷମା ଷଡଙ୍ଗୀ କହିଥିଲେ।

**ପରିବେଶ ପାଇଁ ପଲିଥିନ ବିପଦ**

ପରିବେଶ ପାଇଁ ପଲିଥିନ କାଳ ସାଜିଛି। ଜଳ ଓ ସ୍ଥଳ ଚାରିଆଡ଼େ ପଲିଥିନ ପଡ଼ି ନଷ୍ଟ ହେଉ ନ ଥିବାରୁ ପରିବେଶ ପାଇଁ ବିପଦ ଡ଼ାକି ଆଣୁଛି। ଅନ୍ୟପକ୍ଷେ ସଚେତନତା ଅଭାବ ଓ ବିକାଶ ନାଁରେ ବିନାଶ ଚାଲିଥିବାରୁ କେବଳ ସ୍ଥଳ କି ଆକାଶ ନୁହେଁ, ଜଳ ବି ପ୍ରଦୂଷିତ ହୋଇଚାଲିଛି। ବୁଦ୍ଧିଜିବୀଙ୍କୁଠାରୁ ସାଧାରଣ ମଣିଷ ସମସ୍ତଙ୍କୁ ଘାରିଛି ପରିବେଶ ସୁରକ୍ଷା ଚିନ୍ତା। ବାୟୁ ମଣ୍ଡଳରେ ଅଙ୍ଗାରକାମ୍ଳ ବଢ଼ୁଛି। ଓଜନସ୍ତରରେ ହେଉଛି ଛିଦ୍ର। ପୃଥିବୀରେ ଉତ୍ତାପବୃଦ୍ଧି ପାଉଛି । ବ୍ୟାପୁଛି ଦୂରାରୋଗ୍ୟ ବ୍ୟାଧି, ଋତୁଚକ୍ରରେ ଆସିଛି ଅନିୟମିତତା। ଠିକ୍ ସମୟରେ ବର୍ଷା ଆସୁନାହିଁ। ଠିକଣା ଭାବେ ଶୀତ ଅନୁଭୂତ ହେଉନି। ଗ୍ଲୁଗୁଳି ବଢ଼ି ଚାଲିଛି। ଏହାର ପ୍ରଭାବ ନୟାଗଡ଼ ଜିଲାରେ ବି ପଡ଼ିଛି। ଶିଳ୍ପ, କ୍ରଶର, ବିସ୍ଫୋରକ କାରବାର, ଯାନବାହାନ ପରି କିଛି କାରଣ ଯୋଗୁ ଚିନ୍ତା ମଧ୍ୟ ବଢ଼ି ଚାଲିଛି। ହେଲେ ପରିବେଶ ଦିବସ ଆସିଲେ ସମସ୍ତେ ପରିବେଶ ପାଇଁ ଚିନ୍ତା କରୁଛନ୍ତି। ଭାଷଣବାଜୀ ମାରୁଛନ୍ତି। ପରିବେଶ ଦିବସ ଚାଲିଗଲେ ସବୁ କିଛି ଭୁଲି ଯାଉଛନ୍ତି। ପରିବେଶ ବିଗିଡି ଚାଲିଛି। ଏଣୁ ବଜାରରେ ପଲିଥିନ ବ୍ୟାଗରେ ଆମେ ପ୍ରତିଦିନ ଘରକୁ ପନିପରିବା ଓ ଅନ୍ୟ ଉପକରଣ ଆଣୁଥିଲେ ମଧ୍ୟ ଏଥିପ୍ରତି ଏଯାବତ ପ୍ରତିକାର ହେଉନି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଅଜିତ


@ ସତ୍ୟବ୍ରତ


@ ସ୍ୱାଗତ


@ ସଙ୍ଗୀତା


@ ମମତା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅଣସର ଘରେ ଶ୍ରୀଜୀଉ, ପଟିଦିଅଁ ପୂଜା ପାଇଲେ


ନୀଳମାଧବ ମନ୍ଦିରରେ ପଟିଦିଅାଁଙ୍କୁ ପୂଜାର୍ଚ୍ଚନା ଆରମ୍ଭ ହୋଇଛି।

**ଖଣ୍ଡପଡ଼ା, ୫।୬(ସ୍ୱ.ପ୍ର.)**

ପବିତ୍ର ଦେବସ୍ନାନ ପୂର୍ଣ୍ଣମୀ ପରେ ବିଳମ୍ବିତ ରାତିରେ ଠାକୁରମାନେ ଅଣସର ଘରକୁ ବିଜେ କରିଛନ୍ତି। ସମସ୍ତ ଦେବନୀତି ସମ୍ପନ୍ନ କରାଯାଇ ଠାକୁରମାନେ ଅଣସର ଘରେ ରହିବା ପରେ ପାରମ୍ପରିକ ପ୍ରଥାନୁଯାୟୀ ମନ୍ଦିରରେ ପଟିଦିଅଁଙ୍କୁ ସୋମବାରଠାରୁ ପୂଜା କରାଯାଉଛି। ସେବାୟତମାନେ ନୀତିକାନ୍ତି ଶେଷ କରି ପଟିଦିଅଁଙ୍କୁ ପୂଜା କରିବା ପରେ ଭକ୍ତମାନେ ମନ୍ଦିରରେ ଉପସ୍ଥିତ ରହି ଦର୍ଶନ କରିଥିଲେ। ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ବିଗ୍ରହମାନେ ଅଣସର ଘରେ ରହିବା ପରେ ୧୮ ତାରିଖରେ ନେତ୍ରୋତ୍ସବ ଅନୁଷ୍ଠିତ ହେବ ବୋଲି ମନ୍ଦିର କର୍ତ୍ତୃପକ୍ଷଙ୍କ ସୂତ୍ରରୁ ଜଣାପଡିଛି।

# ଛାତ୍ରୀଛାତ୍ର ଶପଥ ନେଇ ସଚେତନତା ସୃଷ୍ଟି କଲେ

**ଖଣ୍ଡପଡ଼ା,୫।୬(ସ୍ୱ.ପ୍ର)**

ସମ୍ପ୍ରତି ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି। ତେବେ ସୋମବାର ବିଶ୍ୱ ପରିବେଶ ଦିବସ ଅବସରରେ କଣ୍ଟିଲୋ ଅଞ୍ଚଳରେ ଥିବା ବିଭିନ୍ନ ଘରୋଇ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ଶିକ୍ଷକମାନେ ସଚେତନତା ସୃଷ୍ଟି କରିଛନ୍ତି। ଛାତ୍ରୀଛାତ୍ରମାନେ ମଧ୍ୟ ପରିବେଶ ସୁରକ୍ଷା ଦିଗରେ ଯତ୍ନବାନ ହେବାକୁ ଶପଥ ଗ୍ରହଣ କରିବା ସହ ସାଧାରଣରେ ସଚେତନତା ସୃଷ୍ଟି କରିଥିଲେ।

ପରିବେଶ ସୁରକ୍ଷା ପାଇଁ ସମସ୍ତେ ବ୍ୟସ୍ତ ଓ ବିବ୍ରତ ହେଉଥିବା ବେଳେ ବାସ୍ତବରେ ଏହାର ପ୍ରତିକାର ଦିଗରେ ସାରା ବିଶ୍ୱ ଆଜି ଚିନ୍ତିତ ହୋଇପଡ଼ିଛି। ଏ ପରିପ୍ରେକ୍ଷୀରେ କଣ୍ଟିଲୋସ୍ଥିତ ମା' ନାରାୟଣୀ ଏକାଡେମୀ ଓ ସତ୍ୟସାଇ ଟିଉଟରିଆଲ ଘରୋଇ ଶିକ୍ଷାନୁଷ୍ଠାନର ଶତାଧିକ ଛାତ୍ରୀଛାତ୍ର ପୃଥକ୍ ଭାବେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ପରିବେଶ ସୁରକ୍ଷା ସମ୍ପର୍କରେ ଅବଗତ ହୋଇ ଶପଥ ପାଠ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ ମାନଗୋବିନ୍ଦ ରାଉତ, ରିଙ୍କୁ ସାର, ପିଙ୍କନ ନାୟକ, ବୈଦ୍ୟନାଥ ପଣ୍ଡା, ଶିକ୍ଷକ ସିଦ୍ଧାର୍ଥ କୁମାର ମହାପାତ୍ର, ରାଜେଶ ଦାସ, ଗଣେଶ୍ୱର ରାଉତ ପ୍ରମୁଖ ଜୀବଜଗତର ସୁରକ୍ଷା ପାଇଁ ପରିବେଶକୁ ସନ୍ତୁଳିତ ରଖିବା ସମସ୍ତଙ୍କର କର୍ତ୍ତବ୍ୟ ବୋଲି ପରାମର୍ଶ ଦେଇଥିଲେ। ଏହାଛଡା ପ୍ରଦୂଷଣ ରୋକିବା ଦିଗରେ ବିଶେଷ କରି ବିଶ୍ୱ ପରିବେଶ ଦିବସର ମୂଳ ଲକ୍ଷ୍ୟ ହେଉଛି ପ୍ଲାଷ୍ଟିକ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଜନ ସଚେତନତା ସୃଷ୍ଟି କରିବା। ତେବେ ଏହି ଲକ୍ଷ୍ୟ ପୂରଣ କରିବା ଦିଗରେ ଆମେ କେତେ ଦୂର ସଫଳ ହୋଇ ପାରିଛେ ତା'ର ସମୀକ୍ଷା କରିବାର ସମୟ ଆସିଛି। ପୃଥିବୀର ତାପ ମାତ୍ରା କ୍ରମାଗତ ଭାବେ ବୃଦ୍ଧି ପାଉଥିବା ବେଳେ ଜଳବାୟୁର ମଧ୍ୟ ଦୃତ ପରିବର୍ତ୍ତନ ଘଟୁଛି। ଫଳରେ ଋତୁଚକ୍ରରେ ବ୍ୟତିକ୍ରମ ଦେଖା ଦେଉଛି। ବର୍ଷର ନିର୍ଦ୍ଦିଷ୍ଟ କେତେକ ମାସକୁ ଛାଡ଼ି ଦେଲେ ଅନ୍ୟସବୁ ମାସରେ ମୁଣ୍ଡଫଟା ଖରା ଜୀବ ଜଗତକୁ ଅସ୍ତବ୍ୟସ୍ତ କରି ଦେଉଛି। ଠିକ୍ ସମୟରେ ବର୍ଷା କି ଶୀତ ଅନୁଭୂତ ହେଉନି। ସେହିପରି ପାଣିର ଅଭାବ ଯୋଗୁ ବିଭିନ୍ନ ସମସ୍ୟା ଦେଖା ଦେଉଛି। ଏସବୁ ସତ୍ତ୍ୱେ ମାନବ ସମାଜ ସୁସ୍ଥ ପରିବେଶ ପାଇଁ ଧ୍ୟାନ ଦେଉ ନ ଥିବାରୁ ପରିସ୍ଥିତି ଜଟିଳ ଆଡ଼କୁ ଗତି କରୁଥିବା ଶିକ୍ଷକମାନେ ଚେତାବନୀ ଦେଇଥିଲେ। ଉପସ୍ଥିତ ଛାତ୍ରୀଛାତ୍ରମାନେ ଏ ଦିଗରେ ସଚେତନ ହୋଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଶପଥ ନେଇଥିଲେ।


ପରିବେଶ ସଚେତନତା ପାଇଁ ପିଲାମାନେ ଶପଥ ନେଉଛନ୍ତି।

**ବିଶ୍ୱ ପରିବେଶ ଦିବସ**

# ବାହାନଗା ଟ୍ରେନ୍ ଦୁର୍ଘଟଣାରେ ଖଳିସାହିର ଯୁବକ ମୃତ

**ଖଣ୍ଡପଡ଼ା,୫।୬(ସ୍ୱ.ପ୍ର.)**

ବାହାନଗାଠାରେ ଶୁକ୍ରବାର ଘଟିଥିବା ଟ୍ରେନ୍ ଦୁର୍ଘଟଣାରେ ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ଗ୍ରାମ ପଞ୍ଚଘରିଆ ସାହିର ଧନେଶ୍ୱର ପୃଷ୍ଟିଙ୍କ ପୁଅ ତାପସ (୩୧) ଙ୍କର ମୃତ୍ୟୁ ହୋଇଥିବା ପରିବାର ସୂତ୍ରରୁ ଜଣାପଡିଛି। ତାପସ ବାଲେଶ୍ୱରରୁ କରମଣ୍ଡଳ ଏକ୍ସପ୍ରେସ ଯୋଗେ ଭୁବନେଶ୍ୱର ଫେରୁଥିବା ବେଳେ ଏଭଳି ଅଘଟଣ ଘଟିଥିବା ଜଣାପଡିଛି। ଏହି ଦୁଃଖଦ ଘଟଣାକୁ ନେଇ ଖଣ୍ଡପଡ଼ା ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।



# ଓଡ଼ଗାଁରେ ବିଶ୍ୱ ପରିବେଶ ଦିବସ


ଓଡ଼ଗାଁ ସହରରେ ପରିବେଶ ସଚେତନତା ଲାଗି ପିଲାମାନଙ୍କ ପକ୍ଷରୁ ବାହାରିଥିବା ସଚେତନତା ପଦଯାତ୍ରା।

**ଓଡ଼ଗାଁ,୫।୬(ସ୍ୱ.ପ୍ର.)**

ଓଡ଼ଗାଁ ଓ ପଞ୍ଚୁରିଡ଼ା ବନାଞ୍ଚଳ ପକ୍ଷରୁ ସୋମବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଓଡ଼ଗାଁ ବନାଞ୍ଚଳ ଅଧିକାରୀ ନିଖିଳେଶ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ବନ କର୍ମଚାରୀ ଓ ରଘୁନାଥ ବିଦ୍ୟାପୀଠର ଛାତ୍ରମାନେ ବନାଞ୍ଚଳ କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ବାହାରି ରଘୁନାଥଜୀଉଙ୍କ ମନ୍ଦିରରେ ପହଞ୍ଚିଥିଲେ। ସମସ୍ତେ ଗଛ ଲଗାନ୍ତୁ ଏବଂ ଏହାର ଯତ୍ନ ନିଅନ୍ତୁ। ଗଛ ବଞ୍ଚିଲେ ଆମେ ବଞ୍ଚିବା ବୋଲି ସ୍ଲୋଗାନ୍ ଦେଇଥିଲେ। ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ଓ ଜଙ୍ଗଲ ଭିତରେ ଅବାଧ ପ୍ରବେଶ କରି ଗଛ ନ କାଟିବା ଉପରେ ଜନସାଧାରଣଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ଫରେଷ୍ଟର ସନ୍ଧ୍ୟାରାଣୀ ନାୟକ, ବାହାଡ଼ାଝୋଲା ଫରେଷ୍ଟର ସନାତନ ସ୍ୱାଇଁ, ଗାର୍ଡ଼ ସୌମ୍ୟ ରଞ୍ଜନ ଦଳେଇ, ରଘୁନାଥ ବିଦ୍ୟାପୀଠର ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ନାୟକ ଏବଂ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। ଶୋଭାଯାତ୍ରା ପରେ ରେଞ୍ଜ କାର୍ଯ୍ୟାଳୟରେ ଆୟୋଜିତ ସଭାରେ କୃତୀ ଛାତ୍ରଙ୍କୁ ପ୍ରମାଣ ପତ୍ର ସହ ପୁରସ୍କୃତ କରାଯାଇଥିଲା। ବିଶ୍ୱ ପରିବେଶ ଦିବସରେ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ଅନୁଷ୍ଠାନ ପକ୍ଷରୁ କରାଯାଇଛି।


ନୟାଗଡ଼ ବ୍ଲକ ସିନ୍ଦୁରିଆ ମହାନ୍ତି ସାହିକୁ ପାନୀୟ ଜଳ ସଙ୍କଟର ପ୍ରତିବାଦ କରି ଗରା, ବାଲ୍ଟି ଧରି ଆନ୍ଦୋଳନ।



ନୟାଗଡ଼ ସହରରେ ଖଜୁରି କୋଳିର ପସରା।


ପୁରୀ-ଶରଣକୁଳ ନୂଆ ଜଗନ୍ନାଥ ସଡ଼କର ଡିମିଶର ଦୁଆଣ୍ଟ ନଦୀର ଭଙ୍ଗା ପୋଲରେ ବିପଦ ସଙ୍କୁଳ ଯାତ୍ରା।

